# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV | NOVEMBER 2022 | No.9

### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୭୭ : ୧-୧୧)

୧ ମୁଁ ପରମେଶ୍ୱରଙ୍କ ନିକଟରେ ସ୍ୱରବରେ କାକୁକ୍ତି କରିବି; ପରମେଶ୍ୱରଙ୍କ ନିକଟରେ ହିଁ ସ୍ୱରବରେ କାକୁକ୍ତି କରିବି, ତହିଁରେ ସେ ମୋ' ପ୍ରତି କର୍ଣ୍ଣପାତ କରିବେ ।

୨ ମୁଁ ଆପଣା ସଙ୍କଟ ଦିନରେ ପ୍ରଭୁଙ୍କୁ ଅନ୍ୱେଷଣ କଲି; ରାତ୍ରିକାଳରେ ମୋହର ହସ୍ତ ବିସ୍ତାରିତ ରହିଲା ଓ ସଙ୍କୁଚିତ ନୋହିଲା; ମୋହର ପ୍ରାଣ ପ୍ରବୋଧ ମାନିବାକୁ ଅସମ୍ମତ ହେଲା ।

୩ ମୁଁ ପରମେଶ୍ୱରଙ୍କୁ ସ୍ମରଣ କରି ଅସ୍ଥିର ହେଉଅଛି; ଭାବନା କରି କରି ମୋହର ଆତ୍ମା ମୂର୍ଚ୍ଛିତ ହୁଏ ।

୪ ତୁମ୍ଭେ ମୋ' ଚକ୍ଷୁକୁ ଉଜାଗର କରି ରଖୁଅଛ; ମୁଁ ଏପରି ବ୍ୟାକୁଳ ଯେ, କଥା କହି ପାରୁ ନାହିଁ ।

୫ ମୁଁ ପୂର୍ବକାଳର ଦିନସବୁ, ପୁରାତନ କାଳର ବର୍ଷସବୁ ଭାବନା କରିଅଛି ।

୬ ମୁଁ ଆପଣା ରାତ୍ରିକାଳୀନ ଗୀତ ସ୍ମରଣ କରୁଅଛି; ମୁଁ ଆପଣା ମନେ ମନେ ଧ୍ୟାନ କରୁଅଛି; ପୁଣି, ମୋହର ଆତ୍ମା ଯତ୍ନରେ ଅନୁସନ୍ଧାନ କଲା ।

୭ ପ୍ରଭୁ କ'ଣ ସଦାକାଳ ପରିତ୍ୟାଗ କରିବେ ? ସେ କ'ଣ ଆଉ ସୁପ୍ରସନ୍ନ ହେବେ ନାହିଁ ?

୮ ତାହାଙ୍କ ଦୟା କ'ଣ ଚିରକାଳ ଲୁପ୍ତ ହେଲା ? ତାହାଙ୍କ ପ୍ରତିଜ୍ଞା କ'ଣ ଚିରକାଳ ବିଫଳ ହୁଏ ?

୯ ପରମେଶ୍ୱର କ'ଣ କୃପାମୟ ହେବାକୁ ପାସୋରି ଅଛନ୍ତି ? ସେ କ'ଣ କ୍ରୋଧରେ ଆପଣା କରୁଣା ରୁଦ୍ଧ କରିଅଛନ୍ତି ?

୧୦ ତହୁଁ ମୁଁ କହିଲି, ଏହା ହିଁ ମୋହର ଦୁର୍ବଳତା; ମାତ୍ର ମୁଁ ସର୍ବୋପରିସ୍ଥଙ୍କ ଦକ୍ଷିଣ ହସ୍ତର ବର୍ଷସକଳ ସ୍ମରଣ କରିବି ।

୧୧ ମୁଁ ସଦାପ୍ରଭୁଙ୍କ କର୍ମସବୁ ଉଲ୍ଲେଖ କରିବି; ମୁଁ ପୂର୍ବକାଳର ତୁମ୍ଭ ଆଶ୍ଚର୍ଯ୍ୟକ୍ରିୟାସବୁ ସ୍ମରଣ କରିବି ।

# ସଦାପ୍ରଭୁ ଆପଣଙ୍କୁ ମଧ୍ୟ ଆଶୀର୍ବାଦ କରିବେ।

## THE LORD WILL BLESS YOU ALSO!

**"ପୈତୃକ ପରମେଶ୍ୱର, ଯେ ତୁମ୍ଭର ଉପକାର କରିବେ ଓ ସର୍ବଶକ୍ତିମାନ, ଯେ ଉପରିସ୍ଥ ଆକାଶରୁ ମଙ୍ଗଳ, ଅଧଃସ୍ଥାନରେ ବିସ୍ତୀର୍ଣ୍ଣ ବାରିଧିରୁ ମଙ୍ଗଳ, ସ୍ତନ ଓ ଗର୍ଭରୁ ମଙ୍ଗଳ ଦେଇ ତୁମ୍ଭକୁ ଆଶୀର୍ବାଦ କରିବେ" (ଆଦି ୪୯:୨୫) ।**



**ଆହ୍ବାନର ପ୍ରତିଧ୍ୱନି ସେବାକାର୍ଯ୍ୟର ୫୪ତମ ବାର୍ଷିକୀ ପାଳନ ଅବସରରେ ପାଳକ ଏସ୍.ଅବ୍ରହାମଙ୍କ ଦ୍ୱାରା ପ୍ରଦତ୍ତ ପ୍ରଭୁଙ୍କର ବାକ୍ୟ ।**

ଆଦିପୁସ୍ତକ ୪୯ରେ, ସଦାପ୍ରଭୁ ସେହି ଆଶୀର୍ବାଦ ଗୁଡ଼ିକୁ ପ୍ରକାଶ କରିଛନ୍ତି ଯେଉଁଗୁଡ଼ିକ ଆମର ପୂର୍ବଜ ଯାକୁବ ନିଜ ମୃତ୍ୟୁ ପୂର୍ବରୁ ତାଙ୍କର ୧୨ଟି ପୁତ୍ରଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ପ୍ରଦାନ କରିଥିଲେ।

"ଯୋଷେଫ" ନାମର ଅର୍ଥ "ବହୁଗୁଣ ।" ଉପରେ ଉଲ୍ଲିଖିତ ପଦ (ଆଦି ୪୯:୨୫) ଯୋଷେଫଙ୍କ ପ୍ରତି ପ୍ରଦତ୍ତ ଆଶୀର୍ବାଦ ଅଟେ । ଏହି ଆଶୀର୍ବାଦରେ, ଆମେ ଚାରି ପ୍ରକାର ଆଶୀର୍ବାଦ ଦେଖିପାରିବା :


୧. ସ୍ୱର୍ଗରୁ ଆଶୀର୍ବାଦ ।
୨. ଗଭୀର ସ୍ଥାନରୁ ଆସୁଥିବା ଆଶୀର୍ବାଦ ।
୩. ନିଜ ସନ୍ତାନମାନଙ୍କୁ ସ୍ତନ୍ୟପାନ କରାଉଥିବା ମାତାଙ୍କ ସଂପୃକ୍ତ ଆଶୀର୍ବାଦ ।
୪. ମାତାର ଗର୍ଭ ସହିତ ସଂଯୁକ୍ତ ଆଶୀର୍ବାଦ, ଯାହା ଅନେକ ପିଢ଼ୀର ଲୋକମାନଙ୍କୁ ଉତ୍ପନ୍ନ କରିବା ପାଇଁ ସମର୍ଥ, ଯଦିଓ ମା' ଶିଶୁକୁ ଜନ୍ମ ଦେବା ସମୟରେ ବହୁ ଯନ୍ତ୍ରଣାର ଅନୁଭୂତି ପାଏ ।

## ୧. ସ୍ୱର୍ଗୀୟ ଆଶୀର୍ବାଦଗୁଡ଼ିକ

ସ୍ୱର୍ଗରୁ ଆଗତ ଆଶୀର୍ବାଦଗୁଡ଼ିକ ଅତି ଉତ୍କୃଷ୍ଟ ଅଟେ । ଈଶ୍ୱରଙ୍କ ପ୍ରତ୍ୟେକ ସନ୍ତାନ ଏହି ଆଶୀର୍ବାଦ ପାଇବା ଆବଶ୍ୟକ । ଯେତେବେଳେ ଆମର ପୂର୍ବପୁରୁଷ ଇସ୍‌ହାକ ତାଙ୍କ ପୁତ୍ରଙ୍କୁ ଆଶୀର୍ବାଦ କରିଥିଲେ, ସେତେବେଳେ ସେ ପ୍ରଥମେ ସ୍ୱର୍ଗୀୟ ଆଶୀର୍ବାଦ ପ୍ରଦାନ କରିଥିଲେ : **"ପରମେଶ୍ୱର ଆକାଶର କାକରରୁ**

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ECHO OF HIS CALL - (1969-2019 GOLDEN JUBILEE YEAR)




(ECHO GROUP)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



"ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାଉନ୍ତୁ ଓ ତୁମ୍ଭକୁ ଶାନ୍ତି ଦେଉନ୍ତୁ" (ଗଣନା ୬:୨୬) ।

## ଖ୍ରୀଷ୍ଟ ଯୀଶୁରେ ପ୍ରିୟ ବନ୍ଧୁଗଣ,

ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଆଶ୍ଚର୍ଯ୍ୟଜନକ ନାମରେ ଅଭିବାଦନ ଜଣାଉଅଛୁ ।

ଈଶ୍ୱରଙ୍କ ପ୍ରଚୁର ଦୟାରୁ ୨୦୨୨ର ଶେଷ ଭାଗ ଅତି ଶୀଘ୍ର ଆସୁଅଛି । ସମଗ୍ର ପୃଥିବୀର ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ଓ ନୂତନ ବର୍ଷ ୨୦୨୩ ପାଳନ କରିବା ପାଇଁ ନିଜ ନିଜକୁ ପ୍ରସ୍ତୁତ କରୁଛନ୍ତି ଓ ଆଗ୍ରହର ସହିତ ଅପେକ୍ଷା କରୁଛନ୍ତି । ଆମେ ଆତ୍ମିକ ଲୋକ ହୋଇଥିବାରୁ ଆତ୍ମିକ ମାର୍ଗରେ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ ଏହି ଦିନଗୁଡ଼ିକୁ ବ୍ୟବହାର କରିବା ଉଚିତ୍ । ଆମେ ନିଜ ନିଜକୁ ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଓ ଈଶ୍ୱରଙ୍କ ବାସ୍ତବ ସେବାକାର୍ଯ୍ୟ ମଧ୍ୟରେ ନିଜ ନିଜକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ ।

ପ୍ରାର୍ଥନା ଓ ସେବାକାର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଅଟନ୍ତି । ଆମେ ସେବାକାର୍ଯ୍ୟରେ ବ୍ୟସ୍ତ ଥିବା ମାତ୍ର ସେମାନଙ୍କ ପ୍ରାର୍ଥନା କାର୍ଯ୍ୟକୁ ପରିତ୍ୟାଗ ଅନେକ ଲୋକଙ୍କୁ ଦେଖୁ । ଏହା ଫଳରେ ଆତ୍ମିକ କ୍ଳାନ୍ତି ଓ ସ୍ଖଳନ ଘଟିବ ।

ମୁଁ ମୋ' ହସ୍ତରେ ଲେଖା ଯାଇଥିବା ଏକ ସଂକ୍ଷିପ୍ତ ଚିନ୍ତାଧାରା ନିମ୍ନରେ ଜଣାଉଅଛି ଯାହା ଆଜି ସକାଳେ ଈଶ୍ୱର ମୋତେ ଜଣାଇଥିଲେ ।

ବେଳେବେଳେ ଲୋକମାନଙ୍କ ମଧ୍ୟରେ ସହଭାଗିତା କିଛି ତିକ୍ତ ଆବେଗ ଉତ୍ପନ୍ନ କରେ । ଆମେ ସିଦ୍ଧ ନୋହୁଁ ମାତ୍ର ଆମେ ପ୍ରତିଦିନ ସିଦ୍ଧତା ଦିଗରେ ପରିବର୍ତ୍ତିତ ହେଉଅଛୁ । ଯଦି ଆମେ ପବିତ୍ର ଆତ୍ମାଙ୍କ ପ୍ରତି ଉନ୍ମୁକ୍ତ ହେବୁ, ତେବେ ଈଶ୍ୱର ଆମକୁ ମାର୍ଜିତ କରିବା ପାଇଁ ଓ ପରିବର୍ତ୍ତିତ ହେବା ପାଇଁ ଲୋକମାନଙ୍କୁ ବ୍ୟବହାର କରିବେ । ମାତ୍ର ଯେଉଁ ଲୋକମାନେ ସର୍ବଦା ପ୍ରାର୍ଥନା କରନ୍ତି, ସେମାନେ କ୍ରୋଧ ଓ ସନ୍ଦେହକୁ ଆଦୌ ସ୍ଥାନ ଦିଅନ୍ତି ନାହିଁ ।

ପ୍ରାର୍ଥନାର ଅଭାବ ଯୋଗୁ ବିବାଦ ଓ କଳହ ଦେଖାଦିଏ । ଏକ ପ୍ରାର୍ଥନା ଶୂନ୍ୟ ଜୀବନ କଳହ କିମ୍ବା ସ୍ଖଳନ ମଧ୍ୟରୁ ଗୋଟିଏ ବିଷୟର ଉତ୍ସ ଅଟେ । ପାଉଲ ସ୍ପଷ୍ଟ ଭାବରେ ସେହି ଆହ୍ୱାନ ଓ କ୍ଳେଶ ଜାଣିଥିଲେ ଯାହା ସହଭାଗିତା ମଧ୍ୟରେ ଉତ୍ପନ୍ନ ହୁଏ । ସେଥିପାଇଁ ସେ ମଣ୍ଡଳୀ ପାଇଁ ଏହି କଠୋର ନିୟମ ପ୍ରସ୍ତୁତ କରିଥିଲେ ଯେ ଲୋକମାନେ ନିରନ୍ତର ପ୍ରାର୍ଥନା କରିବା ଉଚିତ୍ । ତୀମଥିଙ୍କୁ ଏହି ବିଷୟର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଯେତେବେଳେ ପ୍ରେରିତମାନେ ଆଦ୍ୟ ମଣ୍ଡଳୀରେ ଏତେ ବ୍ୟସ୍ତ ରହୁଥିଲେ ଯେ ପ୍ରାର୍ଥନା ପାଇଁ ସମୟ ପାଉ ନ ଥିଲେ, ସେତେବେଳେ ମଣ୍ଡଳୀ ଭିତରେ କ୍ଳେଶ, ଅସନ୍ତୋଷ ଓ କଳହ ବୃଦ୍ଧି ପାଇଥିଲା । ସେମାନେ ସଙ୍ଗେ ସଙ୍ଗେ କାରଣଟିକୁ ଜାଣିଥିଲେ – ତାହା ଥିଲା ପ୍ରାର୍ଥନାର ଅନୁପସ୍ଥିତି । ଯେତେବେଳେ ସେମାନେ ପ୍ରାର୍ଥନା ପାଇଁ




*Key Leaders of our ministry in Chennai*

### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**CHIEF EDITOR**
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Rev. Dr. K.R. Rajasekaran
Dr. A. Richard Samuel, M.A., Ph.D.

**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**CORE LEADERS**
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah

**E.mail ID**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org
www.stpaulsmatriculation.com

**YOUTUBE CHANNEL**
Echo of His Call

*ଆବଶ୍ୟକୀୟ ଆୟୋଜନ କରିଥିଲେ, ସେତେବେଳେ ସହଭାଗିତାର ମଧୁରତା ଅବ୍ୟାହତ ରହିଥିଲା (ପ୍ରେରିତ ୬:୪) ।*

*ଯେତେବେଳେ ପ୍ରାର୍ଥନାରେ ବିଫଳତା ଆସେ, ସେତେବେଳେ ପବିତ୍ରତାରେ ମଧ୍ୟ ବିଫଳତା ଆସେ । ସମସ୍ତ ପ୍ରକାର ପାପ, ଯଥା – ଚକ୍ଷୁର ଅଭିଳାଷ, ମାଂସର ଅଭିଳାଷ ଓ ଅଲୌକିକ ଗର୍ବ ପ୍ରବେଶ କରେ ଓ ବ୍ୟକ୍ତିଗତ ପରିତ୍ରାଣ ଓ ଖ୍ରୀଷ୍ଟଙ୍କ ମଣ୍ଡଳୀ ପ୍ରତି ବିପର୍ଯ୍ୟୟ ସୃଷ୍ଟି କରେ । କୌଣସି ବିଷୟରେ ସନ୍ତୋଷ ନ ଥାଏ । ଅଭିଯୋଗ, ବଚସା, ଦୋଷଦର୍ଶୀ ହେବା, ସମାଲୋଚନା ଓ ନିନ୍ଦା ବୃଦ୍ଧି ପାଏ । ପ୍ରାର୍ଥନା ଶୂନ୍ୟ ଜୀବନର ଫଳ ତିକ୍ତ ଅଟେ । ସନ୍ଦେହ ଦୁଃଖଦାୟକ ପରିଣାମ ଦିଗକୁ କଢ଼ାଇ ନିଏ । ଲୋକମାନେ ପ୍ରାର୍ଥନାରେ ବିଫଳ ହେଲେ, ଏହି ସମସ୍ତ ବିଷୟ ଘଟେ । ପ୍ରାର୍ଥନା ଶୂନ୍ୟତା ଯୋଗୁ ସହଭାଗିତା ନଷ୍ଟ ହୁଏ । ପ୍ରାର୍ଥନା ଆତ୍ମାଙ୍କ ଫଳ ଉତ୍ପନ୍ନ କରୁଥିବା ରକ୍ତସ୍ରୋତ ଅଟେ ।*

***ଆମର ମୁଖ୍ୟ ନେତାମାନଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ***

*ଆମେ ୨୦୨୨ ସେପ୍ଟେମ୍ବର ୧୨ ତାରିଖ ସନ୍ଧ୍ୟା ୫ଟାରେ, ଚେନ୍ନାଇଠାରେ ଆମ ସେବାକାର୍ଯ୍ୟର ମୁଖ୍ୟ ନେତାମାନଙ୍କ ପାଇଁ ଏକ ବିଶେଷ ସମ୍ମିଳନୀର ଆୟୋଜନ କରିଥିଲୁ । ଈଶ୍ୱର ଏହାକୁ ଆଶୀର୍ବାଦ କରିଥିଲେ । ''ଭାଇମାନେ, ଆମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ (୧ ଥେସଲନୀକୀୟ) ।*

**ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ,**
**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**


**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**
(+91) 98412 71858 / 98410 71858,
E.mail : samselvaraj333@gmail.com

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

**ଓ ପୃଥିବୀର ଉର୍ବରତାରୁ ଉତ୍ପନ୍ନ (ଫଳ) ଓ ପ୍ରଚୁର ଶସ୍ୟ ଓ ଦ୍ରାକ୍ଷାରସ ତୁମ୍ଭକୁ ଦିଅନ୍ତୁ''** (ଆଦି ୨୭:୨୮) । ଏହି ଆଶୀର୍ବାଦ ଅନୁସାରେ, ସଦାପ୍ରଭୁ ପରମେଶ୍ୱର ଇସ୍‌ହାକ୍ ଉଲ୍ଲେଖ କରିଥିବା ପ୍ରତ୍ୟେକଟି ବିଷୟ ଯାକୁବଙ୍କୁ ମଧ୍ୟ ପ୍ରଦାନ କରିଥିଲେ । ଆଦି ୧:୧ରେ ଆମେ ପାଠ କରୁ, **''ଆଦ୍ୟରେ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟି କରିଥିଲେ ।''** ସେଥିପାଇଁ ବାଇବଲ ଏହା ଦର୍ଶାଏ ଯେ ଆକାଶମଣ୍ଡଳ ହିଁ ପ୍ରଥମେ ସୃଷ୍ଟି ହୋଇଥିଲା । ଈଶ୍ୱର **''ଆକାଶମଣ୍ଡଳ''**କୁ ଅତ୍ୟଧିକ ପ୍ରାଧାନ୍ୟ ଦେଇଥିଲେ ।



ଯେତେବେଳେ ଅବ୍ରହାମ ଈଶ୍ୱର-ପ୍ରଦତ୍ତ ପ୍ରତିଜ୍ଞା ବିଷୟରେ ସନ୍ଦେହ କରିଥିଲେ, ସେତେବେଳେ ସଦାପ୍ରଭୁ ତାଙ୍କୁ ବାହାରକୁ ଡ଼ାକି ନେଇ ଆକାଶ ପ୍ରତି ଦୃଷ୍ଟିପାତ କରିବାକୁ ତାଙ୍କୁ କହିଥିଲେ : **''ତୁମ୍ଭେ ଆକାଶକୁ ଦୃଷ୍ଟି କରି ଯେବେ ତାହାସମୂହ ଗଣିପାର, ତେବେ ଗଣି କୁହ । ସେ ଆହୁରି କହିଲେ, 'ଏହି ପ୍ରକାର ତୁମ୍ଭର ବଂଶ ହେବ''** (ଆଦି ୧୫:୫) । ଯେତେବେଳେ ଆମେ ଏହି ଜାଗତିକ ଜୀବନରେ କ୍ଳାନ୍ତ ହେଉ, ସେତେବେଳେ ଈଶ୍ୱର ଆମକୁ ଦର୍ଶାଉଥିବା ଆକଶ ମଣ୍ଡଳରୁ ଆସୁଥିବା ଆଶୀର୍ବାଦ ଯୋଗୁ ଆମର ଦୁଃଖ ଆନନ୍ଦରେ ପରିଣତ ହେବ । ଗୋଟିଏ ଛୋଟ ବାଳକ ଯୀଶୁଙ୍କ ନିକଟକୁ ଆସିଥିଲା । ତା' ନିକଟରେ ପାଞ୍ଚଟି ରୋଟୀ ଓ ଦୁଇଟି ମାଛ ଥିଲା । ଯେତେବେଳେ ସେହି ଖାଦ୍ୟ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ହାତକୁ ଆସିଲା, ସେତେବେଳେ ଏହା ୫୦୦୦ରୁ ଅଧିକ ଲୋକଙ୍କୁ ତୃପ୍ତ କରିଥିଲା । ଗୋଟିଏ ଛୋଟ ବାଳକର ଖାଦ୍ୟ କିପରି ଏତେ ଅଧିକ ଲୋକଙ୍କର କ୍ଷୁଧା ନିବାରଣ କରିଥିଲା ? ଏହି ଆଶ୍ଚର୍ଯ୍ୟ କର୍ମ କିପରି ଘଟିଥିଲା ? ଏହାର କାରଣ ଥିଲା, ଯୀଶୁ ସ୍ୱର୍ଗ ଆଡ଼କୁ ଖାଦ୍ୟକୁ ଟେକି, ସ୍ୱର୍ଗର ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ ।



ଯୀଶୁ ଖ୍ରୀଷ୍ଟଙ୍କର ସେବାକାର୍ଯ୍ୟ ସମୟରେ ସ୍ୱର୍ଗ ଆଡ଼କୁ ଦୃଷ୍ଟିପାତ କରିବା ତାଙ୍କର ଅଭ୍ୟାସ ଥିଲା । ସ୍ୱର୍ଗର ଆଶୀର୍ବାଦ ଈଶ୍ୱରଙ୍କ ସ୍ୱର୍ଗୀୟ ଆବାସସ୍ଥାନରୁ ଶକ୍ତି ଆଣିଦେବ । ସ୍ୱର୍ଗୀୟ ଆଶୀର୍ବାଦର ଗୌରବ ଯୋଗୁ, ଗୋଟିଏ ଛୋଟ ବାଳକର ଖାଦ୍ୟ ଏତେ ଶକ୍ତିପୂର୍ଣ୍ଣ ହୋଇଥିଲା ଯେ ତାହା ହଜାର ହଜାର ଲୋକଙ୍କର କ୍ଷୁଧା ଦୂର କରିଥିଲା ।

ଆସନ୍ତୁ, ଅନ୍ୟ ଏକ ଘଟଣା ଦେଖିବା ଯାହା ସ୍ୱର୍ଗର ଗୌରବକୁ ପ୍ରମାଣ କରେ । ଥରେ ଲୋକମାନେ ଗୋଟିଏ ମୂକବଧିର ବ୍ୟକ୍ତିଙ୍କୁ ଯୀଶୁଙ୍କ ନିକଟକୁ ଆଣିଥିଲେ । ମାର୍କ ୭:୩୩,୩୪ରେ ଆମେ ପାଠ କରୁ, **''ସେ ତାହାକୁ ଲୋକସମୂହ ମଧ୍ୟରୁ ଅନ୍ତର କରି ଏକାକୀ ଘେନି ଯାଇ ତାହାର ଦୁଇ କାନରେ ଆପଣା ଅଙ୍ଗୁଳି ଦେଲେ ଓ ଛେପ ପକାଇ ତାହାର ଜିଭକୁ ଛୁଇଁଲେ, ଆଉ ସ୍ୱର୍ଗ ଆଡ଼େ ଊର୍ଦ୍ଧ୍ୱ ଦୃଷ୍ଟି କରି ଦୀର୍ଘ ନିଃଶ୍ୱାସ ପକାଇ ତାହାକୁ କହିଲେ, 'ଇପ୍‌ପଥଃ', ଅର୍ଥାତ୍, ଫିଟିଯା' ।''** ଲାଜାର ଅସୁସ୍ଥ ଥିବା ସମୟରେ, ସେମାନେ ତାଙ୍କୁ ସୁସ୍ଥ କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କୁ ଆମନ୍ତ୍ରଣ କଲେ । ମାତ୍ର ଲାଜାର ଅସୁସ୍ଥ ଥିବା ସମୟରେ, ଏପରିକି ମୃତ୍ୟୁବରଣ କରିବା ସମୟରେ ସୁଦ୍ଧା ଯୀଶୁ ଆସି ନ ଥିଲେ । ଲାଜାର ମୃତ୍ୟୁବରଣ କରିବାର ଚାରି ଦିନ ପରେ ସେ ସେଠାରେ ପହଞ୍ଚି ଥିଲେ । ଯଦିଓ ଲାଜାର ଯୀଶୁଙ୍କର ପ୍ରିୟ ବନ୍ଧୁ ଥିଲେ, ତଥାପି ସେ ସେତେବେଳେ ତାଙ୍କ ସମାଧି ନିକଟକୁ ଆସିଥିଲେ ଯେତେବେଳେ ଲାଜାରଙ୍କ ଶରୀର ପଚିବାକୁ ଆରମ୍ଭ କରିଥିଲା (ଯୋହନ ୧୧:୩୯) । ବାଇବଲ ଯୋହନ ୧୧:୪୧,୪୨ରେ କହିଛି, **''...ଯୀଶୁ ଊର୍ଦ୍ଧ୍ୱ ଦୃଷ୍ଟି କରି କହିଲେ, ପିତଃ, ତୁମ୍ଭେ ମୋହର ପ୍ରାର୍ଥନା ଶୁଣିଲ ବୋଲି ମୁଁ ତୁମକୁ ଧନ୍ୟବାଦ ଦେଉଅଛି । ତୁମ୍ଭେ ଯେ ସର୍ବଦା ମୋହର ପ୍ରାର୍ଥନା ଶୁଣିଥାଅ, ଏହା ମୁଁ ଜାଣିଥିଲି ...।''** ଏହିପରି ଭାବେ, ସ୍ୱର୍ଗରୁ ଆଶୀର୍ବାଦ ଓ ଶକ୍ତି ପ୍ରାପ୍ତ ହେବା ପରେ, **''ସେ ଉଚ୍ଚସ୍ୱରରେ ଡ଼ାକିଲେ, ଲାଜାର, ବାହାରି ଆସ''** (ଯୋହନ ୧୧:୪୩) । ଏହା ପରେ ୪ଦିନ ଧରି ମୃତ ହୋଇ ରହିଥିବା ଲାଜାର, ଜୀବିତ ଅବସ୍ଥାରେ ବାହାରି ଆସିଲେ । ସମସ୍ୟା କେତେ ବଡ଼, ଏହା ଯୀଶୁଙ୍କ ପାଇଁ ଏକ ସମସ୍ୟା ନୁହେଁ । ସେ ଯେ କୌଣସି ସମସ୍ୟା ଠାରୁ ବୃହତ୍ତର କାରଣ ସେ ସର୍ବଶକ୍ତିମାନ ଓ ସର୍ବ-କ୍ଷମତାଧାରୀ ଈଶ୍ୱର ଅଟନ୍ତି । ଆମର ସଦାପ୍ରଭୁ ପରମେଶ୍ୱରଙ୍କ ଶକ୍ତିକୁ ତଳକୁ ଆଣୁଥିବା ସ୍ୱର୍ଗୀୟ ଆଶୀର୍ବାଦ ଯେ କୌଣସି ସମସ୍ୟାଠାରୁ ବୃହତ୍ତର ଅଟେ । ଅଧିକନ୍ତୁ, ଏହା ସେହି ସମସ୍ତଙ୍କୁ ଈଶ୍ୱରଙ୍କ ରାଜ୍ୟ ପ୍ରଦାନ କରେ ଯେଉଁମାନେ ଆନ୍ତରିକ ଭାବରେ ବିଶ୍ୱାସ କରନ୍ତି । ଯେତେବେଳେ ଇସ୍ରାଏଲର ଲୋକମାନେ ରଫୀଦୀମଠାରେ ଥିଲେ, ସେତେବେଳେ ସେମାନେ ପାନୀୟ ଜଳ ପାଇଁ ମୋଶାଙ୍କ ସହିତ ବିବାଦ କଲେ । ସେହି ସମୟରେ, ମୋଶା ଊର୍ଦ୍ଧ୍ୱ ଦୃଷ୍ଟି କରି ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କରିଥିଲେ (ଯାତ୍ରା ୧୭:୧-୪) । ସେହି ଶୁଷ୍କ ଅଞ୍ଚଳରେ, ସ୍ୱର୍ଗୀୟ ଆଶୀର୍ବାଦ ଏକ ଚମତ୍କାର ମାର୍ଗରେ ଆସିଥିଲା ଓ ଶୈଳ ମଧ୍ୟରୁ ଜଳ ନିର୍ଗତ ହୋଇଥିଲା (ଯାତ୍ରା ୧୭:୫-୬) ।

ଯେତେବେଳେ ଯାକୁବ ବେର୍‌ଶେବା ପରିତ୍ୟାଗ କରି ହାରଣ ଦିଗରେ ଅଗ୍ରସର ହେଲେ, ସେତେବେଳେ ସେ ଗୋଟିଏ ସ୍ଥାନରେ ବାସହୀନ ଯାଯାବର ସଦୃଶ

ରହିଥିଲେ । ସେଠାରେ କୌଣସି ଶଯ୍ୟା କିମ୍ୱା ତକିଆ ନ ଥିଲା । ସେ ସେଠାରେ ଗୋଟିଏ ପଥରକୁ ଗୋଟିଏ ତକିଆ ଭଳି ବ୍ୟବହାର କରିଥିଲେ । ସେ ତାଙ୍କର ଭବିଷ୍ୟତ୍ ବିଷୟରେ କିଛି ନ ଜାଣି ସେଠାରେ ଶୋଇଥିଲେ । ସେ ଜୀବନ ସମ୍ବନ୍ଧୀୟ ଜ୍ଞାନକୁ ଜାଣିବା ଆରମ୍ଭ କରୁଥିଲେ ଓ ଅତି ମାନସିକଚାପ ମଧ୍ୟରେ ଥିଲେ । ସେଠାରେ ସେ ଗୋଟିଏ ସ୍ୱପ୍ନ ଦେଖିଲେ : **''...ପୃଥିବୀରେ ଗୋଟିଏ ସୋପାନ ସ୍ଥାପିତ ହୋଇଥିଲା, ତହିଁର ମସ୍ତକ ଗଗନସ୍ପର୍ଶୀ, ପୁଣି ଦେଖ, ତାହା ଦେଇ ପରମେଶ୍ୱରଙ୍କ ଦୂତଗଣ ଆରୋହଣ ଓ ଅବରୋହଣ କରୁଅଛନ୍ତି । ଆଉ ଦେଖ, ସଦାପ୍ରଭୁ ତହିଁ ଉପରେ ଠିଆ ହୋଇ କହିଲେ...''** (ଆଦି ୨୮:୧୨,୧୩) ।

ଈଶ୍ୱରଙ୍କ ଜଣେ ଦାସ ନିଜର ସଞ୍ଚୟ ଓ ଲୋକମାନଙ୍କ ଦ୍ୱାରା ପ୍ରଦତ୍ତ ଦାନ ସାହାଯ୍ୟରେ ୫୦୦୦ ଆସନ ବିଶିଷ୍ଟ ଗୋଟିଏ ଗୀର୍ଜ୍ଜାଗୃହ ନିର୍ମାଣ କଲେ । କିଛି ମାସ ଭିତରେ ଗୋଟିଏ ବଡ଼ ଝଡ଼ ସେହି ମଣ୍ଡଳୀ ଗୃହକୁ ଆଘାତ କଲା ଓ ସେ ଯାହାକୁ ଅନେକ ସମସ୍ୟା ଭିତରେ ନିର୍ମାଣ କରିଥିଷଲ, ତାହା ଭୂମିସାତ୍ ହୋଇଗଲା । ଭୟଙ୍କର ଯନ୍ତ୍ରଣା ମଧ୍ୟରେ ଥାଇ ସୁଦ୍ଧା, ଯେତେବେଳେ ସେ ଈଶ୍ୱରଙ୍କର ପ୍ରଶଂସା କଲେ, ସେତେବେଳେ ଅନେକ ଲୋକ ତାଙ୍କୁ ପରିହାସ କଲେ । ଏହି କଷ୍ଟକର ପରିସ୍ଥିତିରେ କେତେକ ଲୋକ ତାଙ୍କ ନିକଟକୁ ଆସି ପଚାରିଲେ, **''ଆପଣ ଆମ ମଣ୍ଡଳୀରେ ପ୍ରଚାର କରିପାରିବେ କି ?''** ଏହା ତାଙ୍କୁ ସାନ୍ତ୍ୱନା ଦେଇପାରେ ଭାବି, ସେ ସେମାନଙ୍କୁ ଅନୁରୋଧ ଗ୍ରହଣ କରିଥିଲେ । ଅନେକମାସ ଧରି, ସେ ସେଠାରେ ପ୍ରଚାର କାର୍ଯ୍ୟରେ ଜଡ଼ିତ ରହିଲେ । ସେ ଯେଉଁଠାରେ ପ୍ରଚାର କରୁଥିଲେ, ସେଠାରେ ଲୋକମାନେ ପ୍ରଭୁଙ୍କ ଗୌରବର ଅନୁଭୂତି ପାଉଥିଲେ । ସେଥିପାଇଁ ସେମାନଙ୍କ ମଧ୍ୟରୁ ଅନେକେ ଉପାସନାରେ ଯୋଗ ଦେବା ଆରମ୍ଭ କରିଥିଲେ । ଅନେକଲୋକ ନୂତନ ଜୀବନ ପାଇଥିଲେ । ଦିନେ ସେ ସେଠାରେ ପ୍ରାୟ ଦୁଇ ଲକ୍ଷ ଲୋକଙ୍କ ନିକଟରେ ପ୍ରଚାର କରୁଥିବା ସମୟରେ, ଅତି ସ୍ପଷ୍ଟ ଭାବରେ ପ୍ରଭୁଙ୍କ ସ୍ୱର ଶୁଣିଥିଲେ । ସେ ଅତି ଆନନ୍ଦରେ ଈଶ୍ୱରଙ୍କ କଥା ଶୁଣୁଥିବା ସମୟରେ, ପ୍ରଭୁ ତାଙ୍କୁ କହିଥିଲେ, **''ତୁମେ କେବଳ ୫୦୦୦ ଲୋକଙ୍କ ପାଇଁ ଆବଶ୍ୟକ ନୁହଁ । ମୁଁ ତୁମର ପୂର୍ବତନ ଗୀର୍ଜ୍ଜାଗୃହ ଧ୍ୱଂସ କରି ଦେଇଥିଲି କାରଣ ମୁଁ ତୁମକୁ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ବ୍ୟବହାର କରିବାକୁ ଇଚ୍ଛା କରୁଥିଲି ।''**

ପ୍ରଭୁ ବସା ଭାଙ୍ଗି ଦିଅନ୍ତି ଯେପରିକି ପକ୍ଷୀମାନେ ନିଜେ ନିଜେ ଉଡ଼ିବା ଓ ନିଜେ ନିଜର ଖାଦ୍ୟ ସଂଗ୍ରହ କରିବା ଶିଖିବେ । ଯାକୁବ ନିଜ ସ୍ୱପ୍ନରେ କେଉଁ ଶିଢ଼ୀ ଦେଖିଥିଲେ ? ଶିଢ଼ୀର ଉପରି ଭାଗରେ, ସେ ପ୍ରଭୁଙ୍କୁ ଦେଖିଥିଲେ । ସେହି ଶିଢ଼ୀ ବିଷୟରେ ଜାଣିବା ପାଇଁ, ଆସନ୍ତୁ, ଆମେ ଯୋହନ ୧:୫୧ ପ୍ରତି ଦୃଷ୍ଟିପାତ କରିବା : **''ପୁଣି, ସେ ତାହାଙ୍କୁ କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ସ୍ୱର୍ଗକୁ ଉନ୍ମୁକ୍ତ ଓ ଈଶ୍ୱରଙ୍କ ଦୂତମାନଙ୍କୁ ମନୁଷ୍ୟ ପୁତ୍ରଙ୍କ ଉପରେ ଆରୋହଣ ଓ ଅବତରଣ କରିବା ଦେଖିବ''** (ଯୋହନ ୧:୫୧) । ସେହି ଶିଢ଼ୀ ଯାହା ମାଧ୍ୟମରେ ଆପଣଙ୍କ ପ୍ରାର୍ଥନା ପିତା ଈଶ୍ୱରଙ୍କ ନିକଟକୁ ଯାଏ ଓ ତାଙ୍କର ଉତ୍ତର ତଳକୁ ଆଣେ । **''ତାହାଙ୍କ ମସ୍ତକଓ କେଶ ହିମତୁଲ୍ୟ ଶୁଭ୍ର ଲୋମ ପରି ଶୁକ୍ଳ ବର୍ଣ୍ଣ, ଆଉ ତାହାଙ୍କ ଚକ୍ଷୁ ପ୍ରଜ୍ୱଳିତ ଅଗ୍ନି ଶିଖା ସଦୃଶ, ତାହାଙ୍କ ପାଦ ଭାଟୀରେ ପରିଷ୍କୃତ ଉଜ୍ଜ୍ୱଳ ପିତ୍ତଳ ତୁଲ୍ୟ ଓ ତାହାଙ୍କ ସ୍ୱର ମହା ଜଳକଲ୍ଲୋଳର ସଦୃଶ । ... ସେ ଆପଣା ହସ୍ତରେ ସପ୍ତ ନକ୍ଷେତ୍ର ଧାରଣ କରିଥିଲେ...''** (ପ୍ରକାଶିତ ୧:୧୪-୧୬) । ଯାହାଙ୍କର ମୁଖ ଏକ ଉଜ୍ଜ୍ୱଳ ସୂର୍ଯ୍ୟ ସଦୃଶ ଥିଲା, ସେହି ଯୀଶୁ ଖ୍ରୀଷ୍ଟ ଆମ ପାଇଁ ଏକ ଶିଢ଼ୀ ସଦୃଶ ହୋଇଛନ୍ତି ଓ ସେ ସର୍ବଦା ଆମ ସହିତ ଅଛନ୍ତି ଓ ଆମକୁ ପରିତ୍ୟାଗ ନ କରି ସର୍ବଦା ସୁରକ୍ଷା ଦେଉଛନ୍ତି । ଆୟୁବ ୯:୧୧ରେ ଆମେ ପାଠ କରୁ, **''ଦେଖ, ସେ ମୋ' ନିକଟରେ ଗମନ କରନ୍ତି, ମାତ୍ର ମୁଁ ତାହାଙ୍କୁ ଦେଖେ ନାହିଁ, ମଧ୍ୟ ସେ ଚାଲିଗଲେ, ମୁଁ ତାହାଙ୍କୁ ଚିହ୍ନେ ନାହିଁ ।''** ସେ ଆମ ସହିତ ବାସ କରିବା ସମୟରେ, ଆମକୁ ଆଶୀର୍ବାଦ ଦେବା ପାଇଁ ପ୍ରସ୍ତୁତ ଥାଆନ୍ତି, ମାତ୍ର ଆମେ ତାହା ଉପଲବ୍ଧି କରିବାରେ ବିଫଳ ହେଉ ।

## ୨. ପୃଥିବୀର ଆଶୀର୍ବାଦ ସବୁ

ଯେତେବେଳେ ଆମେ ସ୍ୱର୍ଗୀୟ ଆଶୀର୍ବାଦ ପ୍ରାପ୍ତ ହେଉ, ସେତେବେଳେ ସେ ଆମକୁ ତାହା ସହିତ ପାର୍ଥିବ



ଆଶୀର୍ବାଦ ମଧ୍ୟ ଯୋଗାଇ ଦିଅନ୍ତି । ପାର୍ଥିବ ଆଶୀର୍ବାଦଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । **''ତହୁଁ ସେ ସୀନୟ ପର୍ବତରେ ମୋଶାଙ୍କ ସହିତ କଥା ସାଙ୍ଗ କରି ସାକ୍ଷ୍ୟସ୍ୱରୂପେ ଦୁଇ ପଟା, ଅର୍ଥାତ୍, ପରମେଶ୍ୱରଙ୍କ ଅଙ୍ଗୁଳି ଲିଖିତ ଦୁଇ ପ୍ରସ୍ତର ପଟା ତାଙ୍କୁ ଦେଲେ''** (ଯାତ୍ରା ୩୧:୧୮) । ମୋଶା ସ୍ୱର୍ଗୀୟ ଆଶୀର୍ବାଦ ପାଇବା ପରେ, ପ୍ରସ୍ତର ଫଳକ ଉପରେ ଲିଖିତ ସଦାପ୍ରଭୁଙ୍କ ବ୍ୟବସ୍ଥା ଆଣିଥିଲେ ଓ ଏହା ସୀନୟ ପର୍ବତରୁ ଆଗତ ପୃଥିବୀର ଆଶୀର୍ବାଦ ଅଟେ । ପୃଥିବୀର ଏହି ଆଶୀର୍ବାଦ ଲୋକମାନଙ୍କର ନେତୃତ୍ୱ ନେବା ପାଇଁ, ସନ୍ତାନମାନଙ୍କୁ ମାର୍ଗ ପ୍ରଦର୍ଶନ କରିବା ପାଇଁ ଓ ପରିବାରକୁ ସହାୟତା ଦେବା ପାଇଁ ଆବଶ୍ୟକ ଥିଲା । ମୋଶା ପର୍ବତ ଉପରୁ ଓହ୍ଲାଇବାରେ ବିଳମ୍ବ କରିବାରୁ, ଲୋକମାନେ ଗୋଟିଏ ବାଛୁରୀର ମୂର୍ତ୍ତି ନିର୍ମାଣ କରିବା ପାଇଁ ହାରୋଣଙ୍କୁ ବାଧ କରିଥିଲେ ଓ ଏହାକୁ ପୂଜା କରିବା ଆରମ୍ଭ କରିଥିଲେ । ମୋଶା ଏହା ଦେଖିବା ପରେ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।

माध्यमः हिन्दी

*सदस्यता के लिए पंजीकृत उम्मीदवार* - ATA

सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षो से सेवारत वरिष्ठ पासवान

सर्टिफिकेट इन थियोलॉजी – 1 साल
डिप्लोमा ऑफ थियोलॉजी – 2 साल

योग्यता 10 वी या अधिक
जल्दी करें!

**Contact : The Chairman, Nehemiah Bible College.**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

## ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ନଭେମ୍ବର ୧୯ ରୁ ୨୦୨୨ ଡିସେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

### ପ୍ରଶଂସାର ବିଷୟ

| | | |
|---|---|---|
| ନଭେମ୍ବର ୧୯ | ⇨ | ଆମ ବାଇବଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସପଣ୍ଡେସ୍ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ । |
| ନଭେମ୍ବର ୨୦ | ⇨ | ଆମର ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାର ନିମନ୍ତେ । |
| ନଭେମ୍ବର ୨୧ | ⇨ | ଆମ ଛାପାକଳରେ ୧୭ଟି ଭାଷାରେ ଆମର ପତ୍ରିକା ଛପାଇବା ପାଇଁ, ପ୍ରକାଶ କରିବା ପାଇଁ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ । |
| ନଭେମ୍ବର ୨୨ | ⇨ | ଅକ୍ଟୋବର ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ । |
| ନଭେମ୍ବର ୨୩ | ⇨ | ଆମ ଡାକ୍ତରଖାନା ସେବାକାର୍ଯ୍ୟରେ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କର୍ମ ନିମନ୍ତେ । |
| ନଭେମ୍ବର ୨୪ | ⇨ | ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକ ନିମନ୍ତେ ଓ ବିଶ୍ୱାସୀମାନଙ୍କ ନିମନ୍ତେ । |
| ନଭେମ୍ବର ୨୫ | ⇨ | ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅଧକ୍ଷ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ । |
| ନଭେମ୍ବର ୨୬ | ⇨ | ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର ପ୍ରତି ଆମ ବରିଷ୍ଠ ପାଳକଙ୍କର ସମର୍ପଣ ନିମନ୍ତେ । |
| ନଭେମ୍ବର ୨୭ | ⇨ | ଆମ ମଣ୍ଡଳୀରେ ନୂତନ କର୍ମଚାରୀମାନଙ୍କୁ ଯୋଗାଇ ଥିବାରୁ । |
| ନଭେମ୍ବର ୨୮ | ⇨ | ଆମ ଅନୁଷ୍ଠାନକୁ ନୂତନ କର୍ମଚାରୀ ଯୋଗାଇଥିବାରୁ । |
| ନଭେମ୍ବର ୨୯ | ⇨ | ୧୨.୦୯.୨୦୨୨ରେ ଅନୁଷ୍ଠିତ ନେତାମାନଙ୍କର ସମ୍ମିଳନୀ ଉପରେ ଆଶୀର୍ବାଦ କରିଥିବାରୁ । |
| ନଭେମ୍ବର ୩୦ | ⇨ | ଚେପକ୍‌ଠାରେ ୩୦.୦୯.୨୦୨୨ରେ ଅନୁଷ୍ଠିତ ସମସ୍ତ ବିଶ୍ୱାସୀଙ୍କର ପ୍ରାର୍ଥନା ସଭା ନିମନ୍ତେ । |
| ଡିସେମ୍ବର ୧ | ⇨ | ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଉପରେ ଆଶୀର୍ବାଦ ନିମନ୍ତେ । |
| ଡିସେମ୍ବର ୨ | ⇨ | ଆମର ସହଯୋଗୀ ସଂପାଦକ ସେମାନଙ୍କର ସହଯୋଗ ନିମନ୍ତେ । |
| ଡିସେମ୍ବର ୩ | ⇨ | ଆମ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ରବିବାର ଉପାସନା ଓ ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କାର୍ଯ୍ୟ ନିମନ୍ତେ । |

### ପ୍ରାର୍ଥନାର ବିଷୟ

| | | |
|---|---|---|
| ଡିସେମ୍ବର ୪ | ⇨ | ସମସ୍ତ ଦେଶର ଏକତା ଓ ଶାନ୍ତି ନିମନ୍ତେ । |
| ଡିସେମ୍ବର ୫ | ⇨ | ଆମର ସେଣ୍ଟପଲ୍‌ସ୍ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ନିହିମିୟା ବାଇବଲ କଲେଜର କର୍ମଚାରୀ ଓ ଛାତ୍ରମାନଙ୍କ ନିମନ୍ତେ । |
| ଡିସେମ୍ବର ୬ | ⇨ | ଆମ 'ଆହ୍ୱାନର ପ୍ରତିଧ୍ୱନି'ର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ନିମନ୍ତେ । |
| ଡିସେମ୍ବର ୭ | ⇨ | ଆମର ପରିସର ମଧ୍ୟରେ ଥିବା ଆମ କର୍ମଚାରୀ ଓ ମୁଦ୍ରଣକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସମୟ ମଧ୍ୟରେ ସୁରକ୍ଷିତ ଓ ସୁସ୍ଥ ରଖିବା ନିମନ୍ତେ । |
| ଡିସେମ୍ବର ୮ | ⇨ | ଆମ ନିହିମିୟା ବାଇବଲ କଲେଜର ଆବାସିକ ଛାତ୍ରମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ । |
| ଡିସେମ୍ବର ୯ | ⇨ | ସିନ୍ଧି, କୋନ୍‌କାନୀ ଓ ମଣିପୁରୀ ଭାଷାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପ୍ରକାଶ କରିବା ନିମନ୍ତେ । |
| ଡିସେମ୍ବର ୧୦ | ⇨ | ଆମ ଅନୁଷ୍ଠାନ ପାଇଁ ଉପଯୁକ୍ତ କର୍ମଚାରୀମାନଙ୍କୁ ଯୋଗାଇବା ନିମନ୍ତେ । |
| ଡିସେମ୍ବର ୧୧ | ⇨ | ଯୁବକମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତି ଦୂର କରିବା ନିମନ୍ତେ । |
| ଡିସେମ୍ବର ୧୨ | ⇨ | ଆମ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ସମସ୍ତ ସଦସ୍ୟଙ୍କର ମଙ୍ଗଳ ନିମନ୍ତେ । |
| ଡିସେମ୍ବର ୧୩ | ⇨ | ଈଶ୍ୱର ଯେପରି ଏହି ମାସର ସମସ୍ତ ଆବଶ୍ୟକୀୟ ପୂରଣ କରିବେ । |
| ଡିସେମ୍ବର ୧୪ | ⇨ | ସେବାକାର୍ଯ୍ୟରେ ଥିବା ଆମର ସାଥୀମାନଙ୍କ ପାଇଁ ଓ ଆମ ''ଆହ୍ୱାନର ପ୍ରତିଧ୍ୱନି''ର ରାଜ୍ୟ ସଂଯୋଜକ ମାନଙ୍କ ପାଇଁ । |
| ଡିସେମ୍ବର ୧୫ | ⇨ | ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱବ୍ୟାପୀ ସୁସମାଚାର ପ୍ରଚାର କାର୍ଯ୍ୟକ୍ରମ ନିମନ୍ତେ । |
| ଡିସେମ୍ବର ୧୬ | ⇨ | ପୃଥିବୀର ସମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ । |
| ଡିସେମ୍ବର ୧୭ | ⇨ | ଆତ୍ମ-ଜୀବନୀ ଲେଖାରେ ଆମ ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ । |
| ଡିସେମ୍ବର ୧୮ | ⇨ | ସମସ୍ତ ମନ୍ଦ ଶକ୍ତିରୁ ଆମ ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କର ସୁରକ୍ଷା ନିମନ୍ତେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଅତି କ୍ରୋଧାନ୍ୱିତ ହେଲେ ଓ କ୍ରୋଧବଶତଃ, ପ୍ରସ୍ତର ଫଳକକୁ ତଳେ ନିକ୍ଷେପ କରି ଭାଙ୍ଗି ପକାଇଲେ । କେବଳ ସ୍ୱର୍ଗୀୟ ଓ ଆତ୍ମିକ ଆଶୀର୍ବାଦ ପାଇବା ଆମ ପାଇଁ ଯଥେଷ୍ଟ ନୁହେଁ । ଆମେ ପୃଥିବୀର ଆଶୀର୍ବାଦ ମଧ୍ୟ ପାଇବା ଆବଶ୍ୟକ କରୁ । ଏହି ଆଶୀର୍ବାଦ ଯନ୍ତ୍ରଣା, ମାନସିକ ଚାପ ଓ ଦୁଃଖ ଦୂର କରିବ । ଏହା ଆମକୁ ଜାଗତିକ ଆଶୀର୍ବାଦ ପାଇବାରେ ମଧ୍ୟ ସାହାଯ୍ୟ କରିବ । ଏହି ଆଶୀର୍ବାଦ ମଧ୍ୟ ଈଶ୍ୱରଙ୍କଠାରୁ ଆସେ । ଆମେ ନିଶ୍ଚୟ ଏହି ପାର୍ଥିବ ଆଶୀର୍ବାଦ ପାଇବା ଆବଶ୍ୟକ । ଆମେ ଏହି ଆଶୀର୍ବାଦଗୁଡ଼ିକୁ ଆମର ଲୋକମାନଙ୍କ ପାଇଁ, ଆମର ସନ୍ତାନସନ୍ତତିଙ୍କ ପାଇଁ ଓ ଆମର ପରିବାର ପାଇଁ ବ୍ୟବହାର କରିପାରିବା ଓ ସେମାନଙ୍କୁ ନେତୃତ୍ୱ ଦେଇ ପାରିବା । ଅନେକ ପରିବାର ଏହି ଆଶୀର୍ବାଦ ପାଇ ନ ଥିବାରୁ ବଡ଼ ବିପଦ ମଧ୍ୟରେ ପଡ଼ନ୍ତି । କେବଳ ସ୍ୱର୍ଗୀୟ ଆଶୀର୍ବାଦ ଯଥେଷ୍ଟ ବୋଲି ଭାବି, ଅନେକ ଲୋକ ପାର୍ଥିବ ଆଶୀର୍ବାଦଗୁଡ଼ିକୁ ଅଗ୍ରାହ୍ୟ କରନ୍ତି ଓ ଈଶ୍ୱର ସେମାନଙ୍କୁ ଯାହା ଦେଇଛନ୍ତି, ତାହାକୁ ଭଗ୍ନ କରନ୍ତି । ସେଥିପାଇଁ, ସେମାନେ ଦୁଃଖରେ ଜୀବନ କାଟନ୍ତି ।

ଆୟୁବ କେବଳ ଗୋଟିଏ ଦିନରେ ତାଙ୍କର ସମସ୍ତ ପାର୍ଥିବ ଆଶୀର୍ବାଦ ହରାଇଥିଲେ । ସେ ଗୋଟିଏ ଦିନରେ ହିଁ ୭୦୦୦ ମେଷ, ୩୦୦୦ ଓଟ, ୫୦୦ ଯୋଡ଼ା ବଳଦ, ୫୦୦ ଗଧ, ନିଜର ପୁତ୍ର କନ୍ୟା ଓ ଦାସଦାସୀଙ୍କୁ ହରାଇଥିଲେ । ଆୟୁବ ଜାଣିଥିଲେ ଯେ ତାଙ୍କ ସଦାପ୍ରଭୁ ଈଶ୍ୱର କ୍ଷତିର ଦ୍ୱିଗୁଣ ତାଙ୍କୁ ଫେରାଇ ପାରିବେ । ସେ ଏହା ବିଶ୍ୱାସ କରିଥିଲେ ଯେ ସେ ତାଙ୍କୁ ଆଦୌ ପରିତ୍ୟାଗ କରିବେ ନାହିଁ । ଯଦିଓ ଆମେ ଶୟତାନଠାରୁ ଆଗତ ପରୀକ୍ଷା ଯୋଗୁ ପାର୍ଥିବ ଆଶୀର୍ବାଦ ହରାଇପାରୁ, ତଥାପି ଈଶ୍ୱର ଆମକୁ ତାହାର ଦ୍ୱିଗୁଣ ଦେବା ପାଇଁ ସମର୍ଥ ଅଟନ୍ତି । **''... ଆମ୍ଭେ ପିତ୍ତଳର କବାଟ ସବୁ ଭାଙ୍ଗି ଖଣ୍ଡ ଖଣ୍ଡ କରିବା ଓ ଲୌହ ଅର୍ଗଳସବୁ କାଟି ପକାଇବା, ପୁଣି ଆମ୍ଭେ ଅନ୍ଧକାରାବୃତ ଧନଭଣ୍ଡାର ଓ ଗୁପ୍ତ ସ୍ଥାନରେ ସଞ୍ଚିତ ସଂପତ୍ତି ସବୁ ତୁମ୍ଭକୁ ଦେବା । ... ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଡାକିଅଛୁ, ତୁମ୍ଭେ ଆମ୍ଭକୁ ନ ଜାଣିଲେ ହେଁ ଆମ୍ଭେ ତୁମ୍ଭକୁ ଉପାଧି ଦେଇଅଛୁ''** (ଯିଶାଇୟ ୪୫:୨-୪) ।

**''ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ ପୂର୍ବ ପରି ଦୁଇ ପ୍ରସ୍ତର ପଟା ଖୋଳ । ତୁମ୍ଭେ ଯେଉଁ ପ୍ରସ୍ତରପଟା ଭାଙ୍ଗିଅଛ, ତହିଁ ଉପରେ ଯାହା ଯାହା ଲେଖାଥିଲା, ସେହି ସବୁ କଥା ଆମ୍ଭେ ଏହି ଦୁଇ ପ୍ରସ୍ତରରେ ଲେଖିବା''** (ଯାତ୍ରା ୩୪:୧) ।

ଯଦି ଆପଣ ଈଶ୍ୱରଙ୍କ ପ୍ରତିଜ୍ଞା କିମ୍ୱା ପାର୍ଥିବ ଆଶୀର୍ବାଦଗୁଡ଼ିକୁ ଭଗ୍ନ କରିଛନ୍ତି, ତେବେ ଦୟା କରି ଏହା ବୁଝନ୍ତୁ ଯେ ଈଶ୍ୱର ଆପଣଙ୍କୁ ଏହା ଫେରାଇ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ବିଶ୍ୱାସରେ କାର୍ଯ୍ୟ କରନ୍ତୁ ଈଶ୍ୱର ଆପଣଙ୍କର ଆବଶ୍ୟକତାଗୁଡ଼ିକୁ ନିଶ୍ଚୟ ପୂରଣ କରିବେ ।

## ୩. ସ୍ତନ୍ୟଗୁଡ଼ିକରୁ ଆଶୀର୍ବାଦ

ସ୍ତନ୍ୟର ଆଶୀର୍ବାଦ ସନ୍ତାନମାନଙ୍କୁ ଜନ୍ମ ଦେଇ ପ୍ରତିପାଳନ କରୁଥିବା ମା'କୁ ସୂଚିତ କରେ । ଯୋଷେଫ ସ୍ତନ୍ୟ ଓ ଗର୍ଭର ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ୨ ରାଜାବଳି ୪:୮ରେ, ଆମେ ଶୂନେମୀୟା ସ୍ତ୍ରୀ ବିଷୟରେ ପାଠ କରୁ, ଯିଏ ସୁସମ୍ମାନିତା ମହିଳା ଥିଲେ । ଈଶ୍ୱରଙ୍କ ଦାସମାନଙ୍କର ସେବା କରିବା ତାଙ୍କର ଅଭ୍ୟାସ ଥିଲା । ସେ ଗୋଟିଏ ଉପର କୋଠରୀ ନିର୍ମାଣ କରି



ସେଠାରେ ଈଶ୍ୱରଙ୍କ ଦାସମାନଙ୍କୁ ରଖୁଥିଲେ । ସେ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରୁଥିଲେ । ଇଲୀଶାୟ ପ୍ରଶ୍ନ କରିଥିଲେ, **''...ତୁମ୍ଭେ ଏ ସମସ୍ତ ଚିନ୍ତାରେ ଆମ୍ଭମାନଙ୍କ ନିମନ୍ତେ ଚିନ୍ତିତ ହୋଇଅଛ, ତୁମ୍ଭ ପାଇଁ କ'ଣ କରାଯିବ ?'' (୨ ରାଜା ୪:୧୩)** । ଏଥିରୁ ଆମେ ଏହା ବୁଝୁ ଯେ ସେ ଅତି ଉତ୍ତମଭାବେ ଈଶ୍ୱରଙ୍କ ଦାସମାନଙ୍କର ଯତ୍ନ ନେଉଥିଲେ । ଯୀଶୁ ଖ୍ରୀଷ୍ଟ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ, **''ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଲୋକ ବୋଲି ଯେ କେହି ତୁମ୍ଭମାନଙ୍କୁ ଗିନାଏ ପାଣି ପିଇବାକୁ ଦେବ, ସେ କୌଣସି ପ୍ରକାରେ ଆପଣା ପୁରସ୍କାର ହରାଇବ ନାହିଁ''** (ମାର୍କ ୯:୪୧) । ଆପଣ ଈଶ୍ୱରଙ୍କ ଦାସମାନଙ୍କ ପ୍ରତି କି ସେବା କରନ୍ତି, ତାହା ସ୍ୱର୍ଗ ଚିହ୍ନେ । କେଉଁମାନେ ଈଶ୍ୱରଙ୍କ ଦାସ ଅଟନ୍ତି ? ସେମାନେ ଆପଣଙ୍କର ପ୍ରାଣ ଓ ଆତ୍ମାର ମଙ୍ଗଳ ପାଇଁ ସଂଘର୍ଷ କରନ୍ତି । ଆପଣ ଆପଣଙ୍କ ଜୀବନରେ ଯେପରି ସଫଳ ହେବେ, ସେଥିପାଇଁ ସେମାନେ ପ୍ରାର୍ଥନା କରନ୍ତି । ସେମାନେ ସ୍ୱର୍ଗସ୍ଥ ଈଶ୍ୱରଙ୍କୁ ଆପଣଙ୍କ ବିଷୟରେ ସମ୍ୱାଦ ଦିଅନ୍ତି । **''ସଦାପ୍ରଭୁ ମୋହର ପ୍ରତିପାଳକ, ମୋହର ଅଭାବ ହେବ ନାହିଁ''** (ଗୀତ ୨୩:୧) । ମେଷପାଳକର ହସ୍ତରେ ଥିବା ଯଷ୍ଟି କୋମଳ ପତ୍ରଗୁଡ଼ିକୁ ଟାଣି ଆଣିବାରେ ସହାୟକ ଅଟେ, ଯେପରିକି ମେଷଗୁଡ଼ିକ ସେଗୁଡ଼ିକୁ ଖାଇପାରିବେ । ମେଷଗୁଡ଼ିକ ଭୂମିରେ ଥିବା ଘାସସବୁ ଖାଇସାରିବା ପରେ, ମେଷପାଳକର ଯଷ୍ଟି ଗଛଗୁଡ଼ିକରୁ କୋମଳ ପତ୍ର ସବୁ ଟାଣି ଆଣିବା ପାଇଁ ବ୍ୟବହୃତ ହୁଏ । ଏହା ସ୍ତନ୍ୟର ଆଶୀର୍ବାଦ ଅଟେ । ଜଣେ ମା' ଯେପରି ନିଜର ସ୍ତନ୍ୟପାନ କରାଇ ଶିଶୁକୁ ପ୍ରତିପୋଷଣ କରେ, ସେହିପରି ଈଶ୍ୱରଙ୍କ ଦାସମାନେ ପ୍ରଭୁଙ୍କଠାରୁ ଆଶୀର୍ବାଦ ଆଣି ସେଗୁଡ଼ିକୁ ଲୋକମାନଙ୍କୁ ହସ୍ତାନ୍ତରିତ କରନ୍ତି । ଏହିପରି ଭାବରେ, ଆମକୁ ଈଶ୍ୱରଙ୍କ ଦାସମାନଙ୍କଠାରୁ ସ୍ତନ୍ୟର ଆଶୀର୍ବାଦ ଗ୍ରହଣ କରିବାକୁ ହେବ ।


## ନିହିମିଆ ବାଇବଲ
### ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

**ମାଧ୍ୟମ - ତାମିଲ**

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**
**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**

ଆଡ୍‌ମିଶନ ପାଇଁ ଶ୍ରୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

**"...ମାତ୍ର ହାନ୍ନାର କୌଣସି ସନ୍ତାନ ସନ୍ତତି ନ ଥିଲେ"** (୧ ଶାମୁ ୧:୨) । **"... ସଦାପ୍ରଭୁ ତାହାର ଗର୍ଭାଶୟ ରୁଦ୍ଧ କରିଥିଲେ"** (୧ ଶାମୁ ୧:୬) । ଏହି ପଦଗୁଡ଼ିକ ଆମକୁ କହେ ଯେ ସଦାପ୍ରଭୁ ହିଁ ତାଙ୍କର ଗର୍ଭାଶୟ ରୁଦ୍ଧ କରିଥିଲେ । ସେ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ଗୋଟିଏ ଶପଥ କରିଥିଲେ ଯେ ଯଦି ସଦାପ୍ରଭୁ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ ଦେବେ, ତେବେ ସେ ତା'ର ସମଗ୍ର ଜୀବନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଦେବ ।

୧) "ଗୋଟିଏ ସନ୍ତାନ ଧାରଣ କରିବାର" ଅର୍ଥ ହେଉଛି, "ଈଶ୍ୱର ପ୍ରଦତ୍ତ ଦର୍ଶନକୁ ଗ୍ରହଣ କରିବା" – କେବଳ ଏହା ଗୁରୁତ୍ୱପୂର୍ଣ୍ଣ ନୁହେଁ ।

୨) ସନ୍ତାନଟି ଜନ୍ମ ହେବା ଉଚିତ – ଏହାର ଅର୍ଥ ହେଉଛି, ପ୍ରଭୁଙ୍କର ଦର୍ଶନକୁ ଗ୍ରହଣ କରିବା ଦ୍ୱାରା ଫଳକୈନ୍ଦ୍ରିକ ହେବା ।

୩) ଏହାପରେ ଆପଣଙ୍କୁ ସେହି ସନ୍ତାନକୁ ବୃଦ୍ଧି କରିବାକୁ ହେବ – ଥରେ ଆପଣ ପ୍ରଭୁଙ୍କର ଦର୍ଶନ ପାଇବା ପରେ, ଆପଣଙ୍କୁ ସେହି ଦର୍ଶନଟିକୁ ବଢ଼ାଇବାକୁ ଓ ଏହାକୁ ଅତି ଯତ୍ନର ସହିତ କାର୍ଯ୍ୟକାରୀ କରିବାକୁ ହେବ ।

ଈଶ୍ୱରଙ୍କ ଦାସମାନେ ଏପରି କେତେକ ମା' ମାନଙ୍କ ସଦୃଶ ହେବା ଉଚିତ୍ ନୁହେଁ ଯେଉଁମାନେ ସେମାନଙ୍କର ନବଜାତ ଶିଶୁମାନଙ୍କୁ ଆବର୍ଜନା ମଧ୍ୟକୁ ଫିଙ୍ଗି ଦିଅନ୍ତି । ସୁସମାଚାର ପ୍ରଚାର କରିବା ଦ୍ୱାରା, ଆମେ ହୁଏତ ଅନ୍ୟମାନଙ୍କଠାରେ ଈଶ୍ୱରଙ୍କ ଦର୍ଶନ ସୃଷ୍ଟି କରିପାରୁ । ମାତ୍ର ସେମାନେ ଏହାକୁ ଗ୍ରହଣ କରିବା ପରେ ପରେ, ସେମାନଙ୍କୁ ସେହିପରି ଛାଡ଼ି ଦେଇ ପାରିବା ନାହିଁ । ଆମକୁ ଆତ୍ମାରେ, ସତ୍ୟରେ ଓ ବାକ୍ୟରେ ସେମାନଙ୍କ ପ୍ରାଣର ବୃଦ୍ଧି ସାଧନ କରିବାକୁ ହେବ । ଆଦିପୁସ୍ତକ ୨୧:୮ରେ, ଆମେ ଏହା ଦେଖୁ ଯେ ଅବ୍ରହାମଙ୍କ ସନ୍ତାନ ବୃଦ୍ଧି ପାଇଲା ଓ ସ୍ତନ୍ୟପାନ କଲା । ସେ ସ୍ତନ୍ୟପାନ ଛାଡ଼ିବା ପରେ, ଅବ୍ରହାମ ଗୋଟିଏ ବଡ଼ ଭୋଜି ଦେଇଥିଲେ । ମଣ୍ଡଳୀର ଜଣେ ବ୍ୟକ୍ତି ଗୋଟିଏ ଦର୍ଶନ ପାଇବା ପରେ, ସେ ଯେପରି ଆତ୍ମିକ ସତ୍ୟକୁ ଗ୍ରହଣ କରି ସେଥିରେ ବୃଦ୍ଧି ପାଇବେ, ଏଥିପାଇଁ ଈଶ୍ୱରଙ୍କ ଦାସମାନେ ତାଙ୍କୁ ଚାଳନା ଦେବା ଆବଶ୍ୟକ । ଜଣେ ମା' ଯେପରି ନିଜ ଶିଶୁର ବୃଦ୍ଧି ପାଇଁ ତାକୁ ନିଜର କ୍ଷୀର ଦିଏ, ସେହିପରି ଈଶ୍ୱରଙ୍କର ଯେଉଁ ଦାସମାନେ ସ୍ତନ୍ୟର ଆଶୀର୍ବାଦ ପାଇଛନ୍ତି, ସେମାନଙ୍କୁ ପବିତ୍ର ଆତ୍ମାଙ୍କ ଶକ୍ତିରେ ଠିଆ ହେବାକୁ ପଡ଼ିବ ଓ ଏହାକୁ ମଣ୍ଡଳୀ ତଥା ଲୋକମାନଙ୍କ ନିକଟକୁ ହସ୍ତାନ୍ତର କରିବାକୁ ହେବ ଓ ବୃଦ୍ଧି ପାଇବାରେ ସେମାନଙ୍କୁ ସାହାଯ୍ୟ କରିବାକୁ ହେବ । ଈଶ୍ୱରଙ୍କ ମଣ୍ଡଳୀ ବଳିଷ୍ଠଭାବେ ନିର୍ମିତ ହେବା ଆବଶ୍ୟକ । ... **"ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ"** (ମାଥିଉ ୧୬:୧୮) । ଈଶ୍ୱରଙ୍କ ଲୋକମାନେ ଈଶ୍ୱରଙ୍କ ମଣ୍ଡଳୀରେ ରୋପିତ ହେବା ଉଚିତ୍ । **"ଯେଉଁମାନେ ସଦାପ୍ରଭୁଙ୍କ ଗୃହରେ ରୋପିତ ହୁଅନ୍ତି, ସେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରାଙ୍ଗଣରେ ବର୍ଦ୍ଧିଷ୍ଣୁ ହେବେ"** (ଗୀତ ୯୨:୧୩) ।

## ୪. ଗର୍ଭର ଆଶୀର୍ବାଦ

**"ତହୁଁ ଇଲୀଶାୟ ସେହି ଗୃହକୁ ଆସନ୍ତେ, ଦେଖ, ବାଳକ ମରି ତାଙ୍କର ଶଯ୍ୟାରେ ଶୋଇଅଛି । ଏହେତୁ ସେ ଭିତରକୁ ଯାଇ ଆପେ ଓ ବାଳକ ଉଭୟେ ରହି ଦ୍ୱାର ବନ୍ଦ କରି ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ଆଉ ସେ ଉପରକୁ ଯାଇ ବାଳକ ଉପରେ ଶୟନ କଲେ ଓ ତାହା ମୁଖ ଉପରେ ଆପଣା ମୁଖ ଓ ତାହା ଚକ୍ଷୁ ଉପରେ ଆପଣା ଚକ୍ଷୁ ଓ ତାହା ହସ୍ତ ଉପରେ ଆପଣା ହସ୍ତ ରଖିଲେ, ଏହିରୂପେ ସେ ଆପଣାକୁ ବାଳକ ଉପରେ ଲମ୍ବମାନ କଲେ, ତହିଁରେ ବାଳକର ଶରୀର ଉଷ୍ଣ ହେବାକୁ ଲାଗିଲା । ଏହାପରେ ଇଲୀଶାୟ ଫେରି ଗୃହ ମଧ୍ୟରେ ଏଣେତେଣେ ଥରେ ବୁଲିଲେ, ତହୁଁ ଉପରକୁ ଯାଇ ବାଳକ ଉପରେ ଆପଣାକୁ ଲମ୍ବମାନ କଲେ, ତହିଁରେ ବାଳକ ସାତ ଥର ଛିଙ୍କିଲା ଓ ବାଳକ ଚକ୍ଷୁ ଫିଟାଇଲା"** (୨ ରାଜା ୪:୩୨–୩୫) ।

ଏହା ମଧ୍ୟ ଈଶ୍ୱରଙ୍କ ଦାସମାନଙ୍କ ମାଧ୍ୟମରେ ଲୋକମାନେ ପାଉଥିବା ଏକ ଆଶୀର୍ବାଦ ଅଟେ । ଯେପରି ଜଣେ ମା' ଯନ୍ତ୍ରଣାର ସହିତ ଏକ ଶିଶୁକୁ ଜନ୍ମ ଦିଏ, ସେହିପରି ଈଶ୍ୱରଙ୍କ ଦାସମାନେ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ଦ୍ୱାରା, ସେମାନଙ୍କୁ ବୃଦ୍ଧି ପାଇବାରେ ସାହାଯ୍ୟ କରିବା ଦ୍ୱାରା ଓ ଅନ୍ୟ ଲୋକମାନଙ୍କୁ ମଧ୍ୟ ମଣ୍ଡଳୀ ମଧ୍ୟକୁ ଆଣି ଅଧିକରୁ ଅଧିକ ମଣ୍ଡଳୀ ସ୍ଥାପନ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଦ୍ୱାରା ଈଶ୍ୱରଙ୍କ ଶକ୍ତି ପ୍ରାପ୍ତ ହୁଅନ୍ତି ଓ ସେହି ଶକ୍ତିକୁ କାର୍ଯ୍ୟକାରୀ କରନ୍ତି । ଏଥିରେ ଈଶ୍ୱରଙ୍କ ଦାସମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନେ ଈଶ୍ୱରଙ୍କଠାରୁ ଯେଉଁ ଆଦେଶ ପାଆନ୍ତି, ତାହାକୁ ଲୋକମାନଙ୍କ ନିକଟରେ ଓ ମଣ୍ଡଳୀ ନିକଟରେ ପହଞ୍ଚାଇବା ନିତାନ୍ତ ଆବଶ୍ୟକ ଅଟେ । ସେମାନେ ଈଶ୍ୱରଙ୍କ ଆଜ୍ଞାଗୁଡ଼ିକୁ ମଧ୍ୟ ସୁରକ୍ଷା ଦେବା ଉଚିତ୍ ।

ଯେତେବେଳେ ଆମେ ଈଶ୍ୱରଙ୍କ ସେବା କରିବା ପାଇଁ ତାଙ୍କଠାରୁ ଆହ୍ୱାନ ପାଉ, ସେତେବେଳେ ଆମେ ଏହାକୁ ଗ୍ରହଣ କରିବା ଓ ସ୍ଖଳିତ ନ ହେବା ଉଚିତ୍ । ଯୀଶୁ ଖ୍ରୀଷ୍ଟଙ୍କର ଶିଷ୍ୟ ଥୋମା ନିଜେ ହିଁ ଏକାକୀ

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର୍

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**



**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**



## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗାତ୍ତଁରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

# ଈଶ୍ୱର ଯଥେଷ୍ଟ ଅଟନ୍ତି

## GOD IS SUFFICIENT!

**"...ଯେଉଁମାନେ ସଦାପ୍ରଭୁଙ୍କର ଅନ୍ୱେଷଣ କରନ୍ତି, ସେମାନଙ୍କର କୌଣସି ମଙ୍ଗଳ ବିଷୟ ଅଭାବ ନୋହିବ" (ଗୀତ ୩୪:୧୦) ।**

ଯେତେବେଳେ ୧୯୬୯ରୁ, ଆମେ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ଆରମ୍ଭ କଲୁ, ସେତେବେଳେ ଆମର ବହୁମୁଖୀ ସେବାକାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତା ପଡ଼ିଲା । ଆମେ କର୍ମଚାରୀ ମାନଙ୍କ ଦରମା ଦେବା ପାଇଁ, ଛାପା କାଗଜ ପାଇଁ, ଡାକ ଟିକଟ, ଟେଲିଫୋନ୍ ଦେୟ, ବିଦ୍ୟୁତ୍ ଦେୟ, ଘରଭଡ଼ା, ଯାନବାହନ ଓ ଦାତବ୍ୟ କାର୍ଯ୍ୟ ପାଇଁ ଅର୍ଥ ଚାହୁଁଥିଲୁ ।

ବ୍ୟକ୍ତିଗତ ଭାବରେ କହିବାକୁ ଗଲେ, ମୋର ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋ' ପାଇଁ ଯଥେଷ୍ଟ ଅଟନ୍ତି । ମୁଁ ଆଜି ପର୍ଯ୍ୟନ୍ତ ଟଙ୍କା ପଇସା ଆଶା କରି କାହାର ଦ୍ୱାର କିମ୍ବା କାର୍ଯ୍ୟାଳୟକୁ ଆଦୌ ଯାଇ ନାହିଁ । ମୋର ମଣ୍ଡଳୀର ସଦସ୍ୟମାନଙ୍କୁ କିମ୍ବା ବନ୍ଧୁମାନଙ୍କୁ ଅର୍ଥ ସାହାଯ୍ୟ ମାଗିବା ମଧ୍ୟ ମୋର ଅଭ୍ୟାସ ନୁହେଁ । ମାତ୍ର ଆଜି ପର୍ଯ୍ୟନ୍ତ, ମୋର ଆହ୍ୱାନ କର୍ତ୍ତା ପ୍ରଭୁ ଠିକ୍ ସମୟରେ ଓ ତାଙ୍କର ଆଶ୍ଚର୍ଯ୍ୟଜନକ ମାର୍ଗରେ ମୋର ସମସ୍ତ ଆବଶ୍ୟକତା ପୂରଣ କରିଛନ୍ତି ।

"ସେ ପ୍ରତ୍ୟେକ ବିଷୟକୁ ତାହାର ସମୟରେ ଶୋଭିତ କରିଅଛନ୍ତି" (ଉପଦେଶକ ୩:୧୧) ।

ଅଭାବ ଓ ଅସୁବିଧା ସମୟରେ, ମୁଁ ଏହିପରି ପରିସ୍ଥିତି ଗୁଡ଼ିକୁ "ମୋର ସହ୍ୟ କରିବାର ସମୟ" ଭାବରେ ଦେଖିବାର ଅଭ୍ୟାସ କରିଛି । ସେଗୁଡ଼ିକୁ ଈଶ୍ୱର ମୋତେ ବାଧ୍ୟ କରିବାର ସମୟ ଓ ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ ଏକ ଉତ୍ତମତର ସଂପର୍କ ରଖିବାର ସମୟ ଭାବରେ ଦେଖିଛି । ମୁଁ ଏହି ଅନୁଭୂତିଗୁଡ଼ିକ ପରେ ବଡ଼ ବଡ଼ ଆଶ୍ଚର୍ଯ୍ୟ କର୍ମକୁ ଉପଭୋଗ କରିଅଛି । ଏହିପରି ପରିସ୍ଥିତି ଗୁଡ଼ିକରେ, ଈଶ୍ୱର ମୋତେ ସାହାଯ୍ୟ କରିବା ପାଇଁ ବିଭିନ୍ନ ଓ ଅପରିଚିତ ଲୋକଙ୍କୁ ଉଠାଇ ଅଛନ୍ତି । ଅନେକ ଥର ଈଶ୍ୱର ମୋର ଅପରିଚିତ ଲୋକଙ୍କୁ ଉଠାଇ ଅଛନ୍ତି । ଅନେକ ଥର ଈଶ୍ୱର ମୋର ଅପରିଚିତ ଲୋକମାନଙ୍କ ମାଧ୍ୟମରେ ମୋତେ ଓ ମୋର ପରିବାରକୁ ଖାଦ୍ୟ ଦେଇଛନ୍ତି ।

୧୯୭୫ରେ, ମୋତେ ବାପୁଜୀ ପ୍ରେସକୁ ୩୦୦ ଟଙ୍କା ଦେବାକୁ ପଡ଼ିଥିଲା କାରଣ ସେଠାରେ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ଛପା ଯାଉଥିଲା । ମୋ' ହାତରେ ଟଙ୍କା ନ ଥିବାରୁ, ପରିଶୋଧ କରିବାରେ ବିଳମ୍ବ ହେଲା । ଥରେ ଗୋଟିଏ ଗୁରୁବାରରେ, ମୁଁ ଆସନ୍ତା ସୋମବାର ଟଙ୍କା ପରିଶୋଧ କରିବି ବୋଲି ସେହି ପ୍ରେସ୍‌ର ମ୍ୟାନେଜରଙ୍କୁ କହିଲି । ମୋତେ ସେହି ଅର୍ଥ ପାଇବା ପାଇଁ ମୋର କୌଣସି ଆୟର ପନ୍ଥା ନ ଥିଲା । ଯଦି ମୁଁ ଟଙ୍କା ଦେବାରେ ବିଫଳ ହେବି, ତେବେ ସେହି ମାସ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପ୍ରକାଶ କରିବାକୁ ସମର୍ଥ ହେବି ନାହିଁ ଓ ସରକାରୀ ସ୍ତରରେ ଅନେକ ପରିଣାମର ସମ୍ମୁଖୀନ ହେବି ବୋଲି ଜାଣିଥିଲି ଓ ଏହା ମୋତେ ବହୁତ ବିଚଳିତ କରୁଥିଲା । ମୁଁ ମୋର ଆବଶ୍ୟକତା ବିଷୟରେ ଈଶ୍ୱରଙ୍କୁ ଜଣାଇଲି ଓ ଶାନ୍ତିରେ ରହିଲି । ମୁଁ ରବିବାର ପର୍ଯ୍ୟନ୍ତ ଆବଶ୍ୟକୀୟ ଟଙ୍କା ପାଇ ନ ଥିଲି ।

ସୋମବାର ସକାଳେ, ଯେତେବେଳେ ମୁଁ ଡାକ ଘରେ ଥିବା ମୋର ଡାକ ବାକ୍ସ ଖୋଲିଲି, ସେତେବେଳେ ମୁଁ ଦକ୍ଷିଣ ଭାରତର ମଦୁରାଇ ଓ ଟୁଟିକୋରିନ୍ ମଧ୍ୟରେ ଥିବା ନାଗଲପୁରମ୍ ନାମକ ଏକ ଛୋଟ ଗ୍ରାମରୁ ଆସିଥିବା ଗୋଟିଏ ଲଫାପା ପାଇଲି । ସେଥିରେ ୩୦୦ ଟଙ୍କାର ଗୋଟିଏ ଡିମାଣ୍ଡଡ୍ରାଫ୍ଟ ଥିଲା । ସେହି ଟଙ୍କା ସେହି ଦିନର ଆବଶ୍ୟକତା ନିମନ୍ତେ ଯଥେଷ୍ଟ ଥିଲା । ଈଶ୍ୱର ମୋର ପ୍ରତିଜ୍ଞାନୁସାରେ ପ୍ରେସ୍‌କୁ ଟଙ୍କା ପରିଶୋଧ କରିବା ନିମନ୍ତେ ସମର୍ଥ କରିଥିଲେ । ଈଶ୍ୱରଙ୍କ ଗୌରବ ହେଉ ।



ଅନେକ ବର୍ଷ ପରେ, ମୁଁ ସେହି ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବା ପାଇଁ ନାଗଲପୁରମ୍ ଗ୍ରାମକୁ ଯାଇଥିଲି । ସେ ଜଣେ ଦରିଦ୍ର ମୋଚୀ ଥିଲେ ବୋଲି ଜାଣି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି ।

ସେ ମୋତେ ଦେଖି ଖୁବ୍ ଖୁସି ହେଲେ ଓ କହିଲେ, "ମହାଶୟ, ସେହି ନିର୍ଦ୍ଦିଷ୍ଟ ଗୁରୁବାରରେ, ମୋର ହୃଦୟ ମଧ୍ୟକୁ କେହି ଜଣେ ୩୦୦ ଟଙ୍କା "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"କୁ ପ୍ରେରଣ କରିବା ପାଇଁ କହୁଥିବାର ଅନୁଭବ ହେଲା । ସେହି ସମୟରେ ମୋ' ନିକଟରେ କେବଳ ସେତିକି ଟଙ୍କା ଥିଲା । ସେଥିପାଇଁ ମୁଁ ସେହି ଟଙ୍କା ଶୁକ୍ରବାର ପ୍ରେରଣ କରିଥିଲି ଓ ଆପଣ ରବିବାର ତାହା ପାଇଥିଲେ ।"

ଏହିପରି ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋ' ଜୀବନରେ ଆଶ୍ଚର୍ଯ୍ୟକର୍ମ ସାଧନ କରନ୍ତି । ଯଦିଓ ଆମ ନିକଟରେ କୌଣସି ସ୍ଥାୟୀ ଅର୍ଥ ସହାୟତା ନାହିଁ, ତଥାପି ଯୀଶୁ ଖ୍ରୀଷ୍ଟ ଏହିପରି ଅଜ୍ଞାତ ଲୋକମାନଙ୍କ ମାଧ୍ୟମରେ ଆମର ସମସ୍ତ ଆବଶ୍ୟକତା ପୂରଣ କରନ୍ତି ।

ହଁ, ଏହା ପ୍ରକୃତରେ ଏକ କଷ୍ଟକର ପଥ ଅଟେ । ତଥାପି ମୁଁ ପ୍ରତିଦିନ ଈଶ୍ୱରଙ୍କ ଗୌରବର ମହାନତା ଦେଖିବା ପାଇଁ ସମର୍ଥ ଅଟେ । ସଦାପ୍ରଭୁ ମୋହର ପ୍ରତିପାଳକ, ମୋହର ଅଭାବ ହେବ ନାହିଁ (ଗୀତ ୨୩:୧) ।

"ଯେ ଜ୍ଞାନବାନ୍, ସେ ଏହିସବୁ ବିଷୟରେ ମନୋଯୋଗ କରିବ" (ଗୀତ ୧୦୭:୪୩) ।

* * *

(୭ମ ପୃଷ୍ଠାର ଅବଶିଷ୍ଟାଂଶ)

ଭାରତକୁ ଆସିଥିଲେ । ସେ ଭାରତର ଭାଷା କିମ୍ବା ସଂସ୍କୃତି ବିଷୟରେ କିଛି ଜାଣି ନ ଥିଲେ । ସେ ନିଜର ବିଶ୍ୱାସ ମାଧ୍ୟମରେ ଈଶ୍ୱରଙ୍କ ଶକ୍ତିକୁ ପ୍ରକାଶ କରି ପାରିଥିଲେ । ତାଙ୍କର ଉତ୍ସର୍ଗୀକୃତ ସେବା ଯୋଗୁ, ଈଶ୍ୱରଙ୍କ ଗୌରବ ପ୍ରକାଶିତ ହୋଇଥିଲା । ଦଳ ଦଳ ଲୋକ ଅନୁତାପ କରିଥିଲେ । ୩୦ ଲକ୍ଷ ଲୋକ ଅନୁତାପ କରିଥିଲେ ବୋଲି ଉଲ୍ଲେଖ ରହିଛି । ସେମାନଙ୍କ ମଧ୍ୟରୁ ୭ ଲକ୍ଷ ଲୋକ ଈଶ୍ୱରଙ୍କ ଅନୁଗ୍ରହରୁ ସେବାକାର୍ଯ୍ୟ ମଧ୍ୟରେ ଅଛନ୍ତି । ଯଦି ଏହି ଲୋକମାନେ ସଠିକ୍ ଭାବରେ କରିବେ, ତେବେ କେତେ ଜଣ ଲୋକ ଅନୁତାପ କରି ଈଶ୍ୱରଙ୍କ ସନ୍ତାନସନ୍ତତି ହେବେ, ତାହା କଳ୍ପନା କରନ୍ତୁ । ଏହି ଲକ୍ଷ୍ୟ ସାଧନ ପାଇଁ, ଆମେ ଗର୍ଭର ଆଶୀର୍ବାଦ ଆବଶ୍ୟକ କରୁ । ଜଣେ ମା' ଯେପରି ଯନ୍ତ୍ରଣାରେ ନିଜ ଶିଶୁକୁ ଜନ୍ମ ଦିଏ, ସେହିପରି ଆମେ ମଧ୍ୟ ଈଶ୍ୱରଙ୍କ ସେବାକାର୍ଯ୍ୟ ପ୍ରତି ଆମ ଆହ୍ୱାନରେ ବିଶ୍ୱସ୍ତ ଓ ସମର୍ପିତ ରହିଲେ, ଲୋକମାନଙ୍କୁ ଅନୁତପ୍ତ କରାଇ ପାରିବା ।

୨ ରାଜାବଳି ୪:୧୮ ଏପରି ଗୋଟିଏ ପୁତ୍ର ବିଷୟରେ କହିଛି ଯିଏ ଶସ୍ୟଚ୍ଛେଦକମାନଙ୍କ ସହିତ ରହିଥିବା ନିଜ ପିତାଙ୍କ ନିକଟକୁ ଯାଇଛି । ପିଲାଟି ବୃଦ୍ଧି ପାଇ ପିତାଙ୍କ ସେବା କରିବା ଉଚିତ୍ ଥିଲା । ସେହିପରି ଯେତେବେଳେ ମଣ୍ଡଳୀ କିମ୍ବା ଈଶ୍ୱରଙ୍କ ଦାସମାନେ କିମ୍ବା ମଣ୍ଡଳୀର ସଦସ୍ୟମାନେ ବୃଦ୍ଧି ପାଆନ୍ତି, ସେତେବେଳେ ସେମାନେ ମଧ୍ୟ ଅନ୍ୟମାନଙ୍କର ସେବା କରିବା ଉଚିତ୍ । **"ଆଉ ସେ ଆପଣା ପିତାକୁ କହିଲା, ମୋ' ମୁଣ୍ଡ, ମୋ' ମୁଣ୍ଡ । ତହୁଁ ପିତା ଆପଣା ଦାସକୁ କହିଲା, ତାହାର ମାତା କତିକି ତାହାକୁ ଉଠାଇ ନେଇଯାଅ"** (୨ ରାଜା ୪:୧୯) । ଯେପରି ଗୋଟିଏ ସନ୍ତାନ ଅସୁସ୍ଥ ହୁଏ, ସେହିପରି ଈଶ୍ୱରଙ୍କ ଦାସମାନେ ଓ ବିଶ୍ୱାସୀମାନେ ସେମାନଙ୍କ ପ୍ରାର୍ଥନା ଜୀବନରେ, କିମ୍ବା ସେବାକାର୍ଯ୍ୟରେ କିମ୍ବା ମଣ୍ଡଳୀ ମଧ୍ୟକୁ ଆସିବାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଆମେ ଏହିପରି ସମସ୍ୟା ପ୍ରତି ଅଣଦେଖା କରିବା ଉଚିତ୍ ନୁହେଁ । ଏହା ଏହିପରି ଏକ ରୋଗ ଅଟେ ଯାହାକୁ ଅବହେଳା କରାଯିବା ଉଚିତ୍ ନୁହେଁ । ଯଦି ଅବହେଳା କରାଯିବ, ତେବେ ଏହା ଆତ୍ମିକ ମୃତ୍ୟୁ ଘଟାଇପାରେ । ଏହି ଘଟଣାରେ, ସେହିପରି ଘଟିଥିଲା, ପିଲାଟି ମା'ର କୋଳରେ ମୃତ୍ୟୁବରଣ କରିଥିଲା । ଯଦି ଆମେ ଆମ ସେବାକାର୍ଯ୍ୟରେ, କିମ୍ବା ଆମର ଆତ୍ମିକ ପ୍ରଚେଷ୍ଟାରେ ଆତ୍ମିକ ମୃତ୍ୟୁର ସମ୍ମୁଖୀନ ହେଉ, ତେବେ ଆମେ ମଣ୍ଡଳୀକୁ ଯାଇ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟରେ ଉପସ୍ଥିତ ହେବା ଆବଶ୍ୟକ । କେବଳ ମା' ଶିଶୁକୁ ବଞ୍ଚାଇ ପାରେ । ଯେତେବେଳେ ଆମେ ମଣ୍ଡଳୀକୁ, ପ୍ରଭୁଙ୍କ ନିକଟକୁ, ଅର୍ଥାତ୍, ଯିଏ ଆମର ମା' ଅଟନ୍ତି, ତାହାଙ୍କ ନିକଟକୁ ଯାଉ, ସେତେବେଳେ, ସେ ନିଶ୍ଚୟ ଆମକୁ ରକ୍ଷା କରିବେ । ଯେଉଁମାନେ ମୃତ, ସେମାନେ ଈଶ୍ୱରଙ୍କ ପାଇଁ କିଛି କରିପାରନ୍ତି ନାହିଁ ଓ ତାଙ୍କ ପାଇଁ ଆଲୋକିତ ହୋଇ ପାରନ୍ତି ନାହିଁ ।

ଯିହିଜିକଲ ୪୭:୩-୫ରେ, ଆମେ ଏହା ପାଠ କରୁ ଯେ ଜଳ ମଧ୍ୟ ଦେଇ ଯିବା ପାଇଁ ଏକ ହଜାର ହାତ ମାପ କରାଯାଇଥିଲା । ସେହି ସମୟରେ ଜଳ ବଳାଗଣ୍ଠି ପର୍ଯ୍ୟନ୍ତ ଥିଲା । ଏହାପରେ ପୁଣିଥରେ ୧୦୦୦ ହାତ ମାପ କରାଗଲା ଓ ଜଳ ଆଣ୍ଠୁ ପର୍ଯ୍ୟନ୍ତ ହେଲା । ଆଉ ୧୦୦୦ ହାତ ମାପ କରାଯିବା ପରେ ଜଳ ଅଣ୍ଟା ପର୍ଯ୍ୟନ୍ତ ହେଲା । ପୁଣି ୧୦୦୦ ହାତ ମାପିବା ପରେ, ଜଳ ଗୋଟିଏ ନଦୀ ସଦୃଶ ଥିଲା ଓ ଭାବବାଦୀ ଏହା ମଧ୍ୟ ଦେଇ ଯାଇ ପାରି ନ ଥିଲେ । ଈଶ୍ୱର କାହିଁକି ଏହାକୁ ଅଳ୍ପ ଅଳ୍ପ କରି ମାପିଥିଲେ ? ଏହାର କାରଣ ହେଉଛି – ଈଶ୍ୱର ଆମକୁ ଯାହା ଯଥାର୍ଥ ଭାବରେ ଦେଇଛନ୍ତି, କେବଳ ତାହାକୁ ଯଦି ଆମେ ଅତିକ୍ରମ କରିବୁ, ତେବେ ପରବର୍ତ୍ତୀ ଆଶୀର୍ବାଦକୁ ମପାଯିବ ଓ ଦିଆଯିବ । ସେଥିପାଇଁ, ଈଶ୍ୱର ଏଠାରେ ଏହା ପ୍ରକାଶ କରିଛନ୍ତି ଯେ ଈଶ୍ୱର ଆମକୁ ଯାହା ଯଥାର୍ଥ ଭାବରେ ଦେଇଛନ୍ତି, ତାହାକୁ ଆମେ ବ୍ୟବହାର କରିବା ପରେ, ଆମ ନିକଟକୁ ପରବର୍ତ୍ତୀ ଆଶୀର୍ବାଦ ଆସିବ । ଯେତେବେଳେ ଆମେ ଆମ ମଣ୍ଡଳୀର ଯଥାର୍ଥ ଯତ୍ନ ନେବା କିମ୍ବା ଈଶ୍ୱର ଆମକୁ ପ୍ରଦାନ କରିଥିବା ଯେ କୌଣସି କାର୍ଯ୍ୟକୁ ଯଥାର୍ଥ ଭାବରେ କରିବା, ସେତେବେଳେ ଆମେ ପ୍ରଚୁର ଭାବେ ଈଶ୍ୱରଙ୍କ ଆଶୀର୍ବାଦ ପାଇବା ଓ ଆମେ ସେଥିରେ ଏକ ବଡ଼ ଅଭିବୃଦ୍ଧି ଦେଖିପାରିବା ।

ଗଣନା ୧୬:୩୬-୩୮ରେ ଆମେ ପାଠ କରୁ : **"ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ ହାରୋଣ ଯାଜକର ପୁତ୍ର ଇଲୀୟାସରକୁ କୁହ, ସେ ଦାହ ମଧ୍ୟରୁ ସେହି ସବୁ ଅଙ୍ଗାର ଧାନୀ ବାହାର କରି ନେଉ, ପୁଣି ତୁମ୍ଭେ ସେହି ଅଗ୍ନି ସେଠାରେ ବିଞ୍ଚି ଦିଅ, କାରଣ ସେହିସବୁ ପବିତ୍ର । ଆପଣା ଆପଣା ପ୍ରାଣର ବିରୁଦ୍ଧରେ ଏହି ପାପ କର୍ମକାରୀମାନଙ୍କର ଅଙ୍ଗାରଧାନୀ ହିଁ (ପବିତ୍ର), ଏଣୁ ତାହା ସବୁ ଯଜ୍ଞବେଦୀର ମଣ୍ଡଣି ନିମନ୍ତେ ପିଟା ପତ୍ର କରାଯାଉ । ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ତାହାସବୁ ଉତ୍ସର୍ଗ କରିଥିଲେ, ଏହି କାରଣରୁ ତାହା ସବୁ ପବିତ୍ର, ପୁଣି ତାହାସବୁ ଇସ୍ରାଏଲ ସନ୍ତାନଗଣ ପ୍ରତି ଚିହ୍ନ ସ୍ୱରୂପ ହେବ ।"**

ସିନ୍ଦୁକ, ଦୀପବୃକ୍ଷ ଓ ବେଦୀ ସମାଗମ ତମ୍ବୁର ଗୋଟିଏ ସ୍ଥାନରେ ହିଁ ରହିବ । ମାତ୍ର ଧୂପଦାନୀକୁ ଯାଜକ ହାତରେ ଧରିବେ ଓ ସେ ଯେଉଁ ସ୍ଥାନକୁ ଯିବେ, ତାହା ତାଙ୍କ ସହିତ ଯିବ । ବର୍ତ୍ତମାନ, ଧୂପଦାନୀ ଗୁଡ଼ିକ ଏକ ଅନାବଶ୍ୟକ ସ୍ଥାନରେ ପଡ଼ି ରହିଛନ୍ତି । ଯେଉଁ ଧୂପଦାନୀ ପବିତ୍ର ସ୍ଥାନକୁ ଆସିବା ଉଚିତ୍, ସେଗୁଡ଼ିକ ଏଠାରେ ବାହାର ପ୍ରାଙ୍ଗଣରେ ରହିଥିବାର ଆମେ ଦେଖୁ । ସଦାପ୍ରଭୁ ଏହି ଆଦେଶ ଦେଇଥିଲେ ଯେ ଧୂପଦାନୀଗୁଡ଼ିକ ବେଦୀକୁ ଆଚ୍ଛନ୍ନ କରିପାରୁଥିବା ପିଟା ପାତ୍ର ଭାବରେ ନିର୍ମାଣ କରାଯାଇପାରିବ । ଆମେ ଏହା ଉପଲବ୍ଧି କରିବା ଆବଶ୍ୟକ ଯେ ଆମର ଆତ୍ମିକ ଅଭିବୃଦ୍ଧି ପଥ ମଧ୍ୟରେ ଅଟକି ନ ଯାଇ ସ୍ୱର୍ଗରେ ପହଞ୍ଚିବା ଉଚିତ୍ । ଆମେ ପାଇଥିବା କିଛି ନିର୍ଦ୍ଦିଷ୍ଟ ଆତ୍ମିକ ଅନୁଭୂତିରେ ସନ୍ତୁଷ୍ଟ ରହିବା ଉଚିତ ନୁହେଁ । ଆମେ ଆତ୍ମିକ ଭାବେ ବୃଦ୍ଧି ପାଇ ଈଶ୍ୱରଙ୍କ ସେବା କରିବା ଅବ୍ୟାହତ ରଖିବା ଉଚିତ୍ ଯେପରିକି ଆମେ ତାଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରିପାରିବା ।

୨ ରାଜାବଳି ୪:୨୧-୩୫ରେ, ଆମେ ଏହା ଆବିଷ୍କାର କରୁ ଯେ ଗୋଟିଏ ମୃତ ବାଳକକୁ ଉଠାଇବା ପାଇଁ ଗୋଟିଏ ଗଧ, ଗୋଟିଏ ଦାସ, ଜଣେ ମା', ଜଣେ ଈଶ୍ୱରଙ୍କ ଦାସ ଓ ତାଙ୍କର ସହକାରୀ ଯଥା ସାଧ୍ୟ ଚେଷ୍ଟା କରିଥିଲେ । ଏହି ପାଞ୍ଚ ବ୍ୟକ୍ତିଙ୍କୁ ପ୍ରଚାରକ, ପ୍ରେରିତ, ଭାବବାଦୀ, ପାଳକ ଓ ଶିକ୍ଷକମାନଙ୍କ ସହିତ ତୁଳନା କରାଯାଇପାରେ । ଏହି ମୁଖ୍ୟ ଲୋକମାନେ ହିଁ ଆମକୁ ଗର୍ଭର ଆଶୀର୍ବାଦ ଦିଅନ୍ତି । ଈଶ୍ୱରଙ୍କ ଦାସ ଇଲୀଶାୟଙ୍କ ନିକଟକୁ ଯିବା ପାଇଁ ତିନି ଜଣ ଲୋକ ବ୍ୟବହୃତ ହୋଇଥିଲେ । ଏହାପରେ ଚତୁର୍ଥ ବ୍ୟକ୍ତି, ଗିହେଜୀ, ଯିଏ ଇଲୀଶାୟ ଭାବବାଦୀଙ୍କର ସାହାଯ୍ୟକାରୀ ଥିଲେ, ସେ ଇଲୀଶାୟଙ୍କ ଯଷ୍ଟି ମାଧ୍ୟମରେ ମୃତ ବାଳକକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ, ସେ ତାକୁ ଉଠାଇବାରେ ବିଫଳ ହେବାରୁ, ସେମାନେ ବାଳକକୁ ଇଲୀଶାୟଙ୍କ ନିକଟକୁ ନେଇଥିଲେ ।

**"ତହୁଁ ଇଲୀଶାୟ ସେହି ଗୃହକୁ ଆସନ୍ତେ ଦେଖ, ବାଳକ ମରି ତାଙ୍କର ଶଯ୍ୟାରେ ଶୋଇଅଛି, ଏହେତୁ ସେ ଭିତରକୁ ଯାଇ ଆପେ ଓ ବାଳକ ଉଭୟେ ରହି ଦ୍ୱାର ବନ୍ଦ କରି ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ଆଉ ସେ ଉପରକୁ ଯାଇ ବାଳକ ଉପରେ ଶୟନ କଲେ ଓ ତାହା ମୁଖ ଉପରେ ଆପଣା ମୁଖ ଓ ତାହା ଚକ୍ଷୁ ଉପରେ ଆପଣା ଚକ୍ଷୁ ଓ ତାହା ହସ୍ତ ଉପରେ ଆପଣା ହସ୍ତ ରଖିଲେ, ଏରୂପେ ସେ ଆପଣାକୁ ବାଳକ ଉପରେ ଲମ୍ୱମାନ କଲେ, ତହିଁରେ ବାଳକର ଶରୀର ଉଷ୍ଣ ହେବାରେ ଲାଗିଲା । ଏଥିରେ ଇଲୀଶାୟ ଫେରି ଗୃହ ମଧ୍ୟରେ ଏଣେ ତେଣେ ଥରେ ବୁଲିଲେ, ତହୁଁ ଉପରକୁ ଯାଇ ବାଳକ ଉପରେ ଆପଣାକୁ ଲମ୍ୱମାନ କଲେ । ତହିଁରେ ବାଳକ ସାତ ଥର ଛିଙ୍କିଲା ଓ ବାଳକ ଚକ୍ଷୁ ଫିଟାଇଲା"** (୨ ରାଜା ୪:୩୨-୩୫) ।

ବାଳକକୁ ବଞ୍ଚାଇବା ପାଇଁ, ଇଲୀଶାୟଙ୍କୁ ବିଭିନ୍ନ ପଦ୍ଧତି ଚେଷ୍ଟା କରିବାକୁ ପଡ଼ିଥିଲା, ଏଣେ ତେଣେ ଚାଲିବାକୁ ପଡ଼ିଥିଲା ଓ ଶେଷରେ ପିଲାଟି ଜୀବିତ ହୋଇଥିଲା । ତାଙ୍କର ଚେଷ୍ଟା ଜଣେ ମାତା ସହିତ ତୁଳନୀୟ ହୋଇପାରେ ଯିଏ ଶିଶୁକୁ ଅତି ଯନ୍ତ୍ରଣା ଓ ପ୍ରଚେଷ୍ଟା ସହିତ ପ୍ରସବ କରେ ।

ସେହିପରି, ଈଶ୍ୱରଙ୍କ ଦାସମାନଙ୍କୁ ଶିଶୁକୁ ପ୍ରସବ କରୁଥିବା ମା' ଭଳି ଯନ୍ତ୍ରଣା ସହ୍ୟ କରିବାକୁ ହେବ । ଲୋକମାନଙ୍କର ଆତ୍ମିକ ଜୀବନ ଯେପରି ନଷ୍ଟ ହେବ ନାହିଁ, ଏଥିପାଇଁ ସେମାନଙ୍କୁ ସଂଘର୍ଷ କରିବାକୁ ହେବ ।

ବାଳକର ଶ୍ୱାସକ୍ରିୟାକୁ ଅଟକାଇ ଦେଇଥିବା ଧୂଳି ସେତେବେଳେ ଦୂର ହୋଇଥିଲା ଯେତେବେଳେ ପିଲାଟି ସାତଥର ଛିଙ୍କିଥିଲା । ଈଶ୍ୱରଙ୍କ ଦାସମାନେ ମଧ୍ୟ ଲୋକମାନଙ୍କ ପାଇଁ କରୁଥିବା କଠିନ କାର୍ଯ୍ୟକୁ ସହ୍ୟ କରି ସେମାନଙ୍କ ନିକଟକୁ ଗର୍ଭର ଆଶୀର୍ବାଦ ପ୍ରେରଣ କରିବା ଉଚିତ୍ ।

***********

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** NOVEMBER 2022.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**